## ସଂକ୍ଷେପରେ

### ଯାଜପୁର ବ୍ଲକରେ ସଚେତନତା ଶିବିର ଉଦ୍‌ଯାପିତ

ଯାଜପୁର ସଦର,୨।୩(ସମର ବିଜୟ ଶରଣ): ଯାଜପୁର ବ୍ଲକ୍‌ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ ଅନ୍ତର୍ଗତ ଚଇନିପୁର ପଞ୍ଚାୟତରେ ଏହା ଉଦ୍‌ଘାଟିତ ହୋଇଥିଲା। ଜାହାନପୁର ପଞ୍ଚାୟତରେ ଉଦ୍‌ଯାପିତ ହୋଇଛି। ବ୍ଲକର ୨୬ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇଥିଲେ। ଯାଜପୁର ଜିଲା ବିଜୁ ଜନତା ଦଳ ଉପସଭାପତି ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା ଓ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ବିଜୁ ଜନତା ଦଳର ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମାମିନି ବେହେରା, ସମିତିସଭ୍ୟା ରଞ୍ଜିତା ଦଳେଇ, ୩୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ପ୍ରଭାତୀ ଆଚାର୍ଯ୍ୟ, ନୋଡାଲ ଅଫିସର ଲକ୍ଷ୍ମୀକାନ୍ତ ଜେନା, ବିଜୁ ଜନତା ଦଳ ଯୁବ ସଂଗଠକ ଦେବଦତ୍ତ ଦାସ ଓ ସୁଧାଂଶୁ ଭୂଷଣ ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ବେହେରା ଧନ୍ୟବାଦ ଦେଇଥିଲେ।

### ସୁନା ଲକେଟ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଯାଜପୁରରୋଡ୍,୨।୩(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସସରୋବର ମେଳାରେ ଶୁକ୍ରବାର ଛୋଟ ପିଲା ବେକରୁ ସୁନା ଲକେଟ ଚୋରି କରିବା ଅଭିଯୋଗରେ ଯାଜପୁରରୋଡ୍ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୋରେଇ ଥାନା ବରୁଣ୍ଡେଇ ଗ୍ରାମର ନରେଶ ଦାସ। ଅଭିଯୋଗ ଅନୁଯାୟୀ, କୁଆଖିଆ ମନୋହରପୁର ଅଞ୍ଚଳର ଅଜିତ ନାୟକ ବ୍ୟାସ ସରୋବର ମେଳା ବୁଲିବାକୁ ଆସିଥିଲେ। ସାଙ୍ଗରେ ତାଙ୍କ ସ୍ତ୍ରୀ ଓ ୧୦ ବର୍ଷର ପୁଅ ସତ୍ୟପ୍ରକାଶ ମେଳା ବୁଲୁଥିବା ସମୟରେ ଗହଳିର ସୁଯୋଗ ନେଇ ଅଭିଯୁକ୍ତ ସତ୍ୟପ୍ରକାଶ ବେକରେ ସୂତାରେ ପିନ୍ଧିଥିବା ସୁନା ଲକେଟକୁ ଝାମ୍ପି ନେଇଥିଲେ। ଏହା ଜାଣିପାରି ଅଜିତ ଚୋରଚୋର ବୋଲି ପାଟିକରିଥିଲେ। ନିକଟରେ ଥିବା ଯଖପୁରା ଥାନା ଏଏସ୍‌ଆଇ ବସନ୍ତ ସାହୁ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ଯାଜପୁରରୋଡ୍ ପୋଲିସ ଅଭିଯୁକ୍ତ ନରେଶଙ୍କ ନିକଟରୁ ସୁନା ଲକେଟ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୫୩।୨୪ ରୁଜୁ ହୋଇଛି।

# ୨ ବର୍ଷ ହେବ ଅନ୍ଧାରରେ ୫୦ ପରିବାର

**କୋରେଇ ବ୍ଲକ ଗୌରାପାଳ ଗ୍ରାମ**

■ ଏବେ ବି ଡିବିରି ଆଲୁଅ ଭରସା

ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୨।୩

ପ୍ରତି ୫ ବର୍ଷରେ ଥରେ ସାଧାରଣ ନିର୍ବାଚନ ହୁଏ। କିନ୍ତୁ ଯାଜପୁର ଜିଲା କୋରେଇ ବ୍ଲକର କେତେକ ଆଦିବାସୀ ବହୁଳ ଗ୍ରାମର ଭାଗ୍ୟ ବଦଳେ ନାହିଁ। ବିଡମ୍ବନା ଯେ, ଏହି ବ୍ଲକର ଗୌରାପାଳ ଗ୍ରାମର ସ୍କୁଲ ପିଲାମାନେ ଆଜି ବି ଡିବିରି ଆଲୁଅରେ ପାଠ ପଢୁଛନ୍ତି। ସରକାରଙ୍କ ବିଭିନ୍ନ ବିଦ୍ୟୁତୀକରଣ ଯୋଜନା ଫେଲ୍ ମାରିଥିବାବେଳେ ଦୁର୍ବଳ ନେତୃତ୍ୱ ଓ ଠିକାଦାରି ରାଜନୀତି ବିକାଶର ଧାରାକୁ ବହୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ଯାଜପୁର ଓ କେନ୍ଦୁଝର ଜିଲାର ସୀମାନ୍ତ କୋରେଇ ବ୍ଲକ ଅଧୀନ ପଛିକୋଟ ପଞ୍ଚାୟତର ଗୌରାପାଳରେ ପ୍ରାୟ ୧୨୫ ଆଦିବାସୀ ପରିବାର ବାସ କରନ୍ତି। ଗ୍ରାମର ପ୍ରାୟ ୯୦ ପ୍ରତିଶତ ଲୋକ ଦିନମଜୁରିଆ ଭାବେ କାମ କରିଥାନ୍ତି। ଦିନକୁ ମଜୁରି ହିସାବରେ ଯାହା ଅର୍ଥ ମିଳେ, ସେଥିରେ ସେମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ଜିଲା ପ୍ରଶାସନ ଏହି ଆଦିବାସୀ ବସ୍ତିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସରକାର ଅନୁସୂଚିତ ବର୍ଗ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ଯୋଜନା କରୁଥିବାବେଳେ ଆଦିବାସୀ ବସ୍ତି



ଗୌରପାଳ ଗ୍ରାମର ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଛନ୍ତି।

ଗୌରାପାଳରେ ସବୁକିଛି ଅପହଞ୍ଚ ହୋଇଛି। ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବସ୍ତିର ୪୦ରୁ ଅଧିକ ପରିବାର ଅନ୍ଧାରରେ ଦିନ କାଟୁଛନ୍ତି। କୁଟୀର ଜ୍ୟୋତି ଯୋଜନାରେ ଏହି ଗ୍ରାମର ପ୍ରାୟ ୫୦ ବିପିଏଲ ଶ୍ରେଣୀ ପରିବାରଙ୍କୁ ବିଜୁଳି ସଂଯୋଗ ଦିଆଯାଇଥିଲା। ଅନ୍ୟମାନେ ବ୍ୟକ୍ତିଗତ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ବ୍ୟବହାର କରୁଥିଲେ। ୨ ବର୍ଷ ତଳେ ବିପିଏଲ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ଗ୍ରାମବାସୀ ଯାଜପୁର ରୋଡ୍ ବିଦ୍ୟୁତ୍ ବିଭାଗକୁ ନୂଆ ଟ୍ରାନ୍ସଫର୍ମର ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ବିଭାଗୀୟ ଅଧିକାରୀମାନେ ପୂର୍ବରୁ ବାକି ଥିବା ଲକ୍ଷାଧିକ ଟଙ୍କା ପୈଠ କଲେ ନୂତନ ଟ୍ରାନ୍ସଫର୍ମର ମିଳିବ କହି ଗ୍ରାମବାସୀଙ୍କୁ ବିଦା କରିଦେଇଥିଲେ। ତେବେ ଏଠାରେ କୁଟୀର ଜ୍ୟୋତି ଯୋଜନା କାହା ପାଇଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସେବେଠୁ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମର ପ୍ରାୟ ୫୦ ଆଦିବାସୀ ପରିବାର ଖରାବର୍ଷା ଶୀତ କାକରରେ ଅନ୍ଧାରରେ ଜୀବନ ଅତିବାହିତ କରୁଛନ୍ତି। ଡିବିରି ଆଲୁଅ ହିଁ ସେମାନଙ୍କ ପାଇଁ ଏକମାତ୍ର ସାହା ଭରସା। ଅନ୍ୟପକ୍ଷରେ ବାକି ୭୦ରୁ ଉର୍ଦ୍ଧ୍ୱ ପରିବାର ମଧ ଗତ ୪ ଦିନ ହେବ ଅନ୍ଧାରରେ ଅଛନ୍ତି। ଏଠାରେ ବି ପୁରୁଣା ବିଲ୍ ବାକିଥିବା କହି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଗୌରାପାଳ ଗ୍ରାମ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡ଼ିଛି। ଗ୍ରୀଷ୍ମପ୍ରବାହ ବଢ଼ିବା ସହିତ ଅସହ୍ୟ ତାତି ଆରମ୍ଭ ହୋଇଗଲାଣି। ଏଥିସହିତ ମାଟ୍ରିକ ପରୀକ୍ଷା ଚାଲୁଥିବାବେଳେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଡିବିରି ଧୂଆଁର ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନେ ରହୁଛନ୍ତି। ବିଜୁଳି ବିଚ୍ଛିନ୍ନ ହେବାର କଷ୍ଟ ଶୀତତାପ ନିୟନ୍ତ୍ରିତ ରୁମ୍‌ରେ ବସୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ କେମିତି ବୁଝିବେ ବୋଲି ଗୌରାପାଳ ଗ୍ରାମବାସୀ କହୁଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ପଚାରିବାରେ ଗ୍ରାମବାସୀଙ୍କ ବିଲ୍ ବାକି ଥିବାରୁ ବିଜୁଳି କଟାଯାଇଛି। ବିଲ୍ ପୈଠ କଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି କହିଛନ୍ତି।

ଖାଲି ସେତିକି ନୁହେଁ, ଏହି ଅଞ୍ଚଳରେ ସାଧାରଣ ବଣ୍ଟନ, ଆବାସ ଯୋଜନା ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ବହୁ ଗରିବ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳି ନ ଥିବାବେଳେ କୁଟୀର ଜ୍ୟୋତି ଯୋଜନାର ସଫଳ ରୂପାୟନ ହୋଇ ପାରିନାହିଁ।

# ଆର୍ଥିକ କାରବାର ଶିକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର

ବଡ଼ଚଣା,୨।୩(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଆଇକ୍ୟୁଏସି ଏବଂ ଜାତୀୟ ଆର୍ଥିକ ଶିକ୍ଷାକେନ୍ଦ୍ରର ମିଳିତ ସହଯୋଗରେ ଆର୍ଥିକ କାରବାର ଶିକ୍ଷା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଆର୍ଥିକ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର ପ୍ରଶିକ୍ଷକ ରାଜେନ୍ଦ୍ର ପ୍ରଧାନ ଓ ଭବାନୀ ଶଙ୍କର ପାଣିଗ୍ରାହୀ ଯୋଗଦେଇ ପ୍ରୋଜେକ୍ଟ ମାଧ୍ୟମରେ ଆଜିର ସମାଜରେ ଦୈନନ୍ଦିନ ଜୀବନରେ କିପରି ଆର୍ଥିକ ପରିଚାଳନା ଆବଶ୍ୟକତା ରହିଛି ଏବଂ ସାଇବର ଅପରାଧକୁ ପ୍ରତିହତ କରାଯାଇ କିପରି ସୁରକ୍ଷିତ ଓ ନିରାପଦ ଭାବେ ସ୍ୱ ଅର୍ଜିତ ଅର୍ଥକୁ ବିନିଯୋଗ କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅଧ୍ୟକ୍ଷ ମାହାଲା ଆଜିର ମଣିଷ ଯୋଜନାବଦ୍ଧ ଭାବେ ନିଜର ଅର୍ଥକୁ ଖର୍ଚ୍ଚ କରିବା ସହ ଭବିଷ୍ୟତ ପାଇଁ ସଞ୍ଚୟ ମାନସିକତା ରଖି ଉପଯୁକ୍ତ ନିଷ୍ପତ୍ତି ନେଲେ ଭବିଷ୍ୟତ ପିଢ଼ି ସୁରକ୍ଷିତ ଓ ସୁଗମ ଜୀବନ ଯାପନ କରିପାରିବେ ବୋଲି କହିଥିଲେ। ଆଇକ୍ୟୁଏସି ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ ଖଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଇକ୍ୟୁଏସି ସହ ସଂଯୋଜକ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।




ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ପାଇଖାନା କାର୍ଯ୍ୟାଦେଶ ପ୍ରଦାନ ମେଳା



ପାଇଖାନା କାର୍ଯ୍ୟାଦେଶ ପ୍ରଦାନ ମେଳାରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀ।

ରସୁଲପୁର,୨।୩(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ପାଇଖାନା କାର୍ଯ୍ୟାଦେଶ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପଞ୍ଚାୟତର ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ଷ୍ଟେଟ ବ୍ୟାଙ୍କ-କୁଆଖିଆ ଶାଖା ପରିଚାଳକ ଅନନ୍ଦା ସାହୁ, ସ୍ୱଚ୍ଛ ଭାରତ ମିଶନ ବ୍ଲକ ଗ୍ରାମୀଣ ସଂଯୋଜକ ଅପର୍ଣ୍ଣା ମଲ୍ଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ ଓ ଗ୍ରାମରୋଜଗାର ସେବକ ପ୍ରଶାନ୍ତ ଘଡ଼େଇ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାରୁ ହିତାଧିକାରୀ କିଭଳି ଲାଭ ଉଠାଇପାରିବେ ତା’ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ପାଇଖାନା ହାତେଇଥିବା ପରିବାରକୁ ଟୁଇନ୍ ପିଟ୍ ସୁବିଧା ପ୍ରଦାନ କରାଯାଉଛି। ଏହାଛଡ଼ା ପ୍ରତ୍ୟେକ ପରିବାରରେ ଖତଗାଡିଆ ଓ ଶୋଷକ ଖାତ ନିର୍ମାଣ ପାଇଁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି ବୋଲି ଅଧିକାରୀମାନେ କହିଥିଲେ। ୱାର୍ଡ ସଭ୍ୟାସଭ୍ୟ, ସିଆରପି, ଆଶା, ଅଙ୍ଗନୱାଡି କର୍ମୀ, ପଞ୍ଚାୟତର ମୁରବୀ ଓ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏମ୍‌ବିକେ ସସ୍ମିତା ଆଏଚ ଧନ୍ୟବାଦ ଦେଇଥିଲେ।

### ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକ

ବଡ଼ଚଣା,୨।୩(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ଏକ ସାଧାରଣ ପରିଷଦ ବୈଠକ ଆସୋସିଏଶନ ସମ୍ମିଳନୀ କକ୍ଷରେ ସଭାପତି ରେଣୁବାଳା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋର୍ଟ ବାର ଆସୋସିଏଶନ ନିର୍ଦ୍ଦେଶକ୍ରମେ ଉକ୍ତ ବୈଠକରେ ଆଗାମୀ ମାର୍ଚ୍ଚ ୩୦ରେ କୋର୍ଟ ବାର ଆସୋସିଏଶନ ନିର୍ବାଚନ ନିମନ୍ତେ ନିର୍ବାଚନ ଅଧିକାରୀ ମନୋନୀତ ଉପରେ ଆଲୋଚନା କରାଯାଇ ପୁରୁଷୋତ୍ତମ ନାୟକ, ମନୋଜ ଦାସ ଓ ନଗେନ୍ଦ୍ର ପାତ୍ରଙ୍କୁ ମନୋନୀତ କରାଯାଇଛି। ଏଥିସହିତ ସାଧାରଣ ପରିଷଦର ତିନିଜଣ ସଭ୍ୟଙ୍କୁ ମଧ୍ୟ ମନୋନୀତ କରାଯାଇଛି। ଏହି ବୈଠକ ଚଳିତ ବର୍ଷର ଶେଷ ବୈଠକ ହୋଇଥିବାରୁ ନିର୍ଦ୍ଧାରିତ ଏଜେଣ୍ଡା ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ପ୍ରକାଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବାର ଆସୋସିଏଶନ ତରଫରୁ ହୋଇଥିବା ବିଭିନ୍ନ ସାମାଜିକ ଓ ସଚେତନାତ୍ମକ କାର୍ଯ୍ୟକ୍ରମର ସଭାପତି ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଶତାଧିକ ସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୨।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ନଗର ଓ ଷୋଳମପୁର ଶାଖା ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଯାଜପୁର ଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ବରେଣ୍ୟ ଅତିଥିଭାବେ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସାମାଜିକ କର୍ମୀ ରୁଦ୍ରପ୍ରସାଦ ଦାସ ଯୋଗଦେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଚରିତ୍ର ନିର୍ମାଣ ଉପରେ ଗୁରୁଜୀଗୁରୁମା ଗୁରୁତ୍ୱ ପ୍ରଦାନ କରିବାକୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥିରୂପେ ବିଦ୍ୟାବିକାଶ ସମିତି ଓଡ଼ିଶାର ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଦ୍ୟା ବିକାଶ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ବିଦ୍ୟାଳୟରେ ଶିକ୍ଷା ସହିତ ଶରିରୀକ ଖେଳ, ମାନସିକ ଦକ୍ଷତା, ଯୋଗ ଓ ସଂସ୍କାର ଧର୍ମୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପ୍ରରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିରଜା ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହାକୁ ଶିକ୍ଷାବିତ୍ କାମେଶ୍ୱର ପଣ୍ଡା ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଖବରଦାତା ଦିଲୀପ ଦାଶ, ନବକିଶୋର ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହାପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଷୋଳମପୁର ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ସ୍ମିତା ନାୟକ, ଆଚାର୍ଯ୍ୟା ଗୀତାରାଣୀ ସାହୁ, ଭାଗ୍ୟଲକ୍ଷ୍ମୀ ଦାଶ, ରାସେଶ୍ୱରୀ ମହାନ୍ତି, ପ୍ରିୟଙ୍କା ଓଝା, ସୁନିତା ଗୋଛାୟତ, ଅଙ୍କିତାରାଣୀ ମଲ୍ଲିକ, ସ୍ମୃତିରେଖା କରଣ, ବର୍ଷାରାଣୀ ପଲାଇ, ସ୍ନେହଲତା ଘଡ଼ାଇ ଓ ଆଚାର୍ଯ୍ୟ ବିରେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ




ଜିଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ଅତିଥି ଶୁଭାରମ୍ଭ କରୁଛନ୍ତି।

ଯାଜପୁର ଟାଉନ,୨।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜିଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ ଯାଜପୁର କୁସୁମାଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ଏକ ସଚେତନତା ରାଲି ମାନସାପୋଲ ରାମମନ୍ଦିର ନିକଟରୁ ବାହାରି କୁସୁମାଠାରେ ପହଞ୍ଚିଥିଲା। ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। କୁସୁମାଠାରେ ଏକ ସାଧାରଣ ସଭା ଏବଂ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅଂଶୁମାନ ଶତପଥୀ, ସମ୍ମାନିତ ଅତିଥିଭାବେ ଏଡିଏମ୍‌ଓ, ପିଏଚ୍ ସୁଧାଂଶୁ ଶେଖର ବଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ଭିନ୍ନକ୍ଷମ ତଥା ସାମାଜିକ କର୍ମୀ ମଣ୍ଟୁ ଦାସ ଯୋଗଦେଇ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଦିବସ ଉପଲକ୍ଷେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା କ୍ରିକେଟ, ଭଲିବଲ୍ ଓ ବାସ୍କେଟ୍ ବଲ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବୈଦ୍ୟରାଜପୁର ନୋଡାଲ ୟୁପି ସ୍କୁଲରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗମାନେ ମଧ୍ୟ ହ୍ୱିଲ ଚେୟାର ନାଚ ଓ ଗୀତ ପରିବେଷଣ କରିଥିଲେ। ଶେଷରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସଚେତନତାଧର୍ମୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରାଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ସଞ୍ଚାଳନ କରାଯାଇଥିଲା। ବୈଠକରେ ଜିଲା ସଦର ମହକୁମାର ଚିକିତ୍ସାଧିକାରୀମାନେ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଧାରଣ ସଭାରେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୮ ହ୍ୱିଲ ଚେୟାର ଅତିଥିମାନେ ବଣ୍ଟନ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଧନ୍ୟବାଦ ଦେଇଥିଲେ।

### ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ସିଂହପୁର,୨।୩(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ଥାନା ଅଧୀନ ଅଙ୍ଗାଲୋ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଜୟଦେବ ଥାଟୋଇଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଗତ ମାସ ୨୩ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ସଂଯୋଜକ ସୁଦୀପ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଲଛମନ ବାଲାଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ରାୟ ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ନିହାର ରଞ୍ଜନ ବଳ ଯୋଗଦେଇ ଶିବିର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦିଲୀପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଭରତ ଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ଅଧିକାରୀ ରମାକାନ୍ତ ବେହେରା, ଅଧ୍ୟାପକ ମଦନ ମୋହନ ପରିଡ଼ା, ଅଧ୍ୟାପିକା ମୋନାଲିସା ପରିଡ଼ା, ତନୁଶ୍ରୀ ପଟ୍ଟନାୟକ, ଶୁଶାନ୍ତ ସାହୁ, ଅମିତ ସାମଲ, ବିକ୍ରମ ନାୟକ, ଅନିଲ ଜେନା, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ସୁବ୍ରତ ଓଝା ଧନ୍ୟବାଦ ଦେଇଥିଲେ।

# ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ବ୍ୟାସନଗର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଯାଜପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

ଯାଜପୁରରୋଡ୍,୨।୩ (ପବିତ୍ର ରଞ୍ଜନ ମହାନ୍ତି):

**ଗଳିପୋଲ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ**

ବ୍ୟାସନଗର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଯାଜପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ସହରର ବିଭିନ୍ନ ସମସ୍ୟା ଉପରେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ୟାସନଗରରେ ରେଳ ଓଭର ବ୍ରିଜ ଓ ୨ ଗଳି ପୋଲ ନିର୍ମାଣ ପାଇଁ ଗତ ମାସ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିବାରୁ ଅଞ୍ଚଳବାସୀ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ସହରାଞ୍ଚଳର ଅନ୍ୟ ସମସ୍ୟା ଯଥା ; ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପାଇଁ ଶୀଘ୍ର ସ୍ୱାସ୍ଥ୍ୟ ବିଭାଗକୁ ଜମି ହସ୍ତାନ୍ତର କରି କାର୍ଯ୍ୟ ଆରମ୍ଭ କରିବା, ସମସ୍ତ ୱାର୍ଡରେ ଶ୍ମଶାନ କରିବା ଓ ସହରର ଏନସି ହାଇସ୍କୁଲ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ଡା. ହେମନ୍ତ କିଶୋର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଡ. ଦୁଷ୍ମନ୍ତ ନାୟକ, ସଦାଶିବ ଦାଶ, ହୃଦାନନ୍ଦ ସାମଲ, ନରେନ୍ଦ୍ର ଜେନା, ଚନ୍ଦ୍ରମଣି ସାମଲ ଓ ରଘୁନାଥ ବେହେରା ସାମିଲ ହୋଇଥିଲେ।

# ଖରାଦିନ ପାଇଁ ତରଭୁଜର ଚାହିଦା ବଢ଼ିଛି

କେନ୍ଦ୍ରାପଡ଼ା, ୨।୩ (ଜଗନ୍ନାଥ ଧଳ)

ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ପ୍ରତି ଛକ, ବଜାରରେ ଏବେ ତରଭୁଜ ଦେଖିବାକୁ ମିଳୁଥିବା ବେଳେ ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ୧୦ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଏହି ଚାଷ ହୋଇଛି। ଚାଷ ପାଇଁ ସରକାରୀ ବିହନରେ ସବ୍‌ସିଡି ଯୋଗାଇ ଦିଆଯାଉଛି। ତେବେ ଜଳସେଚନ ଓ ତାଲିମ ବ୍ୟବସ୍ଥା ନ ଥିବାରୁ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ତରଭୁଜ କେବଳ ଚଟ୍‌ପଟି ଖାଦ୍ୟ ନୁହେଁ, ବରଂ ଏଥିରେ ଭରପୂର ପ୍ରୋଟିନ ମିଳୁଛି ବୋଲି ଚାଷୀ, ବ୍ୟବସାୟୀ ଓ ଗବେଷକମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁର ପୂର୍ବତନ ସରପଞ୍ଚ ତଥା ଚାଷୀ ନିର୍ମଳ ମଲ୍ଲିକ କହିଛନ୍ତି, ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ଚଳିତବର୍ଷ ଆଳି, ରାଜକନିକା, ରାଜନଗର, ଗରଦପୁର, ଡେରାବିଶ, ମହାକାଳପଡ଼ା ଆଦି ବ୍ଲକ ଅଞ୍ଚଳର ନଦୀପଠାରେ ଚାଷ ହୋଇଛି। ଦୁଇ ସପ୍ତାହ ପୂର୍ବରୁ ଫସଲ ଉତ୍ପାଦନ ଆରମ୍ଭ ହୋଇଛି। ପୂର୍ବରୁ କୁଇଣ୍ଟାଲ ପିଛା ଅଢ଼େଇ ହଜାର ଟଙ୍କା ଥିବା ବେଳେ ଏବେ ଏହାର ମୂଲ୍ୟ ବୃଦ୍ଧି ହୋଇ ୩ହଜାର ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଫସଲରୁ ଇତିମଧ୍ୟରେ ୮ କୁଇଣ୍ଟାଲ ତରଭୁଜ ବିକ୍ରି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ନ ହେଲେ ପ୍ରାୟ ୩୦ କୁଇଣ୍ଟାଲ ତରଭୁଜ ବିକ୍ରିର ସେ ଆଶା ରଖିଛନ୍ତି। ତେବେ ଏହି ଅର୍ଥକରୀ ଫସଲ ପାଇଁ ନଦୀର ଅତି ନିକଟ ପଠା ବ୍ୟତୀତ ଅନ୍ୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆତ୍ମା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି। ରାଜନଗରର ମା' ଶକ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପ୍ରଣତି ଦାସ କହିଛନ୍ତି, ଚଳିତବର୍ଷ ଏସ୍‌ଏଚ୍‌ଜି ପକ୍ଷରୁ ଆରମ୍ଭ ହୋଇଥିବା ତରଭୁଜ ଚାଷ ଆଗକୁ ବଢ଼ିବାର ସାହସ ଯୋଗାଇଛି। ମିଳିମିଶି ସଦସ୍ୟାମାନେ ରକ୍ଷଣାବେକ୍ଷଣ କରିବା ପରେ ଏହାର ଲାଭ ଆମକୁ ମିଳୁଛି। ଏହି ଚାଷ ପାଇଁ ସ୍ୱାବଲମ୍ବୀ ହୋଇ ପାରିଥିବା ସମ୍ପାଦିକା ଦାସ କହିଛନ୍ତି। ସହରର ଗୋପସ୍ଥିତ ବ୍ୟବସାୟୀ ମହମ୍ମଦ ଇଲିଆସ କହିଛନ୍ତି, ଖରା ବଢ଼ିବାରୁ କାକୁଡ଼ି, ତରଭୁଜ ବେପାର ବୃଦ୍ଧି ପାଇଛି। ପୂର୍ବରୁ ତରଭୁଜ ବାହାର ଜିଲାରୁ ଆମଦାନୀ କରାଯାଉଥିବା ବେଳେ ଚଳିତବର୍ଷ ଜିଲା ମଧ୍ୟରେ ହୋଇଥିବା ଫସଲକୁ ସଂଗ୍ରହ କରୁଛୁ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ୍ ପଡୁଛି। ତରଭୁଜ ସମ୍ପର୍କରେ ଗବେଷଣା କରୁଥିବା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ତରଭୁଜରେ ଭରପୂର ପ୍ରୋଟିନ ରହିଛି। ଏହା ଆମ ପାଇଁ ରୋଗ ପ୍ରତିଷେଧକ ରୂପେ କାର୍ଯ୍ୟ କରୁଛି। ଗୋଟିଏ କପ ତରଭୁଜ ରସରେ ୧୫୪ ମିଲିଗ୍ରାମର ପୋଷକ ତତ୍ତ୍ୱ ରହିଛି। ଗୋଟିଏ ତରଭୁଜରେ ପ୍ରାୟ ୯୨% ପାଣି ରହୁଥିବାରୁ ଗରମରୁ ତ୍ରାହି ମିଳୁଛି। ଏହା ବ୍ୟତୀତ ଏଥିରେ ଥିବା ଭିଟାମିନ ଏ, ସି, ପୋଟାସିୟମ, ମାଗ୍ନେସିୟମ, ଜିଙ୍କ୍, କ୍ଲୋରୋଫିଲ, ଲାଇକୋପିନ, ଏମିନୋ ଏସିଡ, ଫେନୋଲିକ ଆଦି ତତ୍ତ୍ୱ ରହିଛି। ପ୍ରାୟ କ୍ଷେତ୍ରରେ ତରଭୁଜର ଚୋପା ଫୋପାଡ଼ି ଦିଆଯାଉଥିବା ଦେଖାଯାଉଛି। ତେବେ ଏହି ଚୋପାରେ ବ୍ଲଡପ୍ରେସର କମାଇବା ଶକ୍ତି ଥିବା ବେଳେ ଶରୀର ଓଜନ କମାଇବାରେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଦେବଦାସ ଦତ୍ତଙ୍କୁ ପଚାରିବାରେ ଚଳିତବର୍ଷ ତରଭୁଜ ଚାଷ ପାଇଁ ସବ୍‌ସିଡି ଦିଆଯାଇଛି। ପୂର୍ବରୁ ଏହି ଜିଲାରେ ମାତ୍ର ୨ ହଜାର ହେକ୍ଟର ଅଞ୍ଚଳରେ ତରଭୁଜ ଚାଷ ହେଉଥିବା ବେଳେ ଚଳିତ ବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ସହରର ଗୋପ ହାଟରେ ତରଭୁଜ ବିକ୍ରି ହେଉଛି।

- ଜିଲାରେ ୧୦ ହଜାର ହେକ୍ଟରରୁ ଅଧିକ ଜମିରେ ଚାଷ
- ଉପଯୁକ୍ତ ଜଳସେଚନ, ତାଲିମ ବ୍ୟବସ୍ଥା ପାଇଁ ଦାବି

## ସଂକ୍ଷେପରେ

### ଶ୍ରୀ ଓଁକାରେଶ୍ୱର ମହାଦେବଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା



ରାଜକନିକା, ୨।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତର ଦଶମୋଉଜୀ ଅଞ୍ଚଳର ଦଶଭଗାରିଆ ଗ୍ରାମବସୀଙ୍କ ଉଦ୍ୟମରେ ନବନିର୍ମିତ ଶ୍ରୀଓଁକାରେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୬ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଫେବୃଆରୀ ୨୫ତାରିଖ ଅଙ୍କୁରାରୋପଣ, କଳସ ଯାତ୍ରାରୁ ଆରମ୍ଭ ହୋଇ ସମସ୍ତ ପୂଜାବିଧି ସହ ଶୁକ୍ରବାର ଶିବପାର୍ବତୀ ବିବାହ, ପୂର୍ଣ୍ଣାହୁତି ଓ ମନ୍ଦିର ଉତ୍ସର୍ଗ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପ୍ରଧାନାଚାର୍ଯ୍ୟ ଭାବେ ବ୍ରହ୍ମାନନ୍ଦ ନନ୍ଦ, ସୁନିଲ ନନ୍ଦ ସହ ଆଚାର୍ଯ୍ୟ ଭାବେ ରାଧାନାଥ ତ୍ରିପାଠୀ, ଶିଶିର ଦାଶ, ସୁକାନ୍ତ ଦାଶ, ଦେବପ୍ରସାଦ ମହାପାତ୍ର, ଦୁର୍ଗାଚରଣ ମିଶ୍ର, ଜ୍ଞାନେନ୍ଦ୍ର ନନ୍ଦ, ଶଶିକାନ୍ତ କର, ଭବାନୀ ମିଶ୍ର ଓ ପ୍ରମୋଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏମାନେ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସହ ଯଜ୍ଞ ସଞ୍ଚାଳନ କରିଥିଲେ। ଉଦ୍ୟୋକ୍ତା ଭାବେ ଦଶଭଗାରିଆ ଗ୍ରମବାସୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ପୀଡିତଙ୍କୁ ସହାୟତା ପ୍ରଦାନ

ପାଟକୁରା, ୨।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପାଟକୁରା ଥାନା ପାଖଡ ପଞ୍ଚାୟତ ତିଗିରିଆ ଗ୍ରାମର ଗୁରୁଚରଣ ପଣ୍ଡା ଓ ପତ୍ନୀ ରଶ୍ମିତା , ପୁଅ ପ୍ରଭୂଦତ୍ତ (୧୨) ଝିଅ ସିମରନ (୮) ଏକ ବିବାହ ଭୋଜି ସାରି ଶାଳିକଣ୍ଡା ଗାଁରୁ ଫେରୁଥିଲେ। ଏହି ସମୟରେ କଞ୍ଚିଲୋ ବ୍ୟାଙ୍କ ଛକଠାରେ ଏକ ଦ୍ରୁତଗାମୀ କାର ସହ ତାଙ୍କ ବାଇକ୍ ମୁହାଁମୁହିଁ ଦୁର୍ଘଟଣା ହେବା ଦ୍ୱାରା ସମସ୍ତଙ୍କର ହାତ, ଗୋଡ, ମେରୁଦଣ୍ଡରେ ଆଘାତ ଲାଗିବା ସହ ଦେହରେ ବିଭିନ୍ନ ଅଙ୍ଗ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଖବରପାଇ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ତାଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ଦିଲୀପ କୁମାର ନାୟକଙ୍କୁ ତିଗିରିଆ ଗ୍ରାମକୁ ଶନିବାର ପଠାଇ ଥିଲେ। ତାଙ୍କ ସହ ପୂର୍ବତନ ସରପଞ୍ଚ ବିଭୁତି ପରିଡ଼ା, ଅକ୍ଷୟ କୁମାର ବିଶ୍ୱାଳ, ନିରଞ୍ଜନ ପାଣି, କଳିଙ୍ଗ ଟିଭିର ପଶ୍ଚିମାଞ୍ଚଳ ବ୍ୟୁରୋ ଚିତ୍ତରଞ୍ଜନ ମିଶ୍ର, ଖବରଦାତା ସରୋଜ ପରିଡ଼ା ପ୍ରମୁଖ ପୀଡ଼ିତାଙ୍କ ବାସଭବନରେ ଉପସ୍ଥିତ ହୋଇ ଏମ୍‌ପିଙ୍କ ପ୍ରଦତ୍ତ ଆର୍ଥିକ ସହାୟତା ପ୍ରଦାନ କରି ପରିବାରଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।



# ଜିଲାସ୍ତରୀୟ ଯୁବ ସମାବେଶ



ସମାବେଶରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ, ୨।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶନିବାର ଜିଲା ସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳି ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏନ୍‌ଭିପିର ସଂଯୋଜକ ମଧୁସୂଦନ ଦାସ ଓ ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଗୋଲି ତିରୁପତି ରେଡ୍ଡି, ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ପଦ୍ମଜା କବି ଶତପଥୀ, ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର ଓ ଏନ୍‌ଏସ୍‌ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଯୁବଶକ୍ତିକୁ ସାମ୍ପ୍ରତିକ ସମାଜରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧତା ସମ୍ପର୍କରେ ଅବଗତ କରାଇବା ସହ ନେତୃତ୍ୱ ନେବାର ପ୍ରେରଣା ଯୋଗାଇ ଥିଲେ। ଏହା ପରେ ଏକ ମକ୍ ପାର୍ଲିଆମେଣ୍ଟ କରାଯାଇ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗଗୁଡ଼ିକ ଉପରେ ଛାତ୍ରୀଛାତ୍ରମାନେ ଦୁଇଟି ଦଳରେ ବିଭକ୍ତ ହୋଇ ଆଲୋଚନା ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ସଦସ୍ୟା ନମିତା ମହାରଣା, ହରପ୍ରିୟା ଦାସ, ଭବାନୀ ଶଙ୍କର ହୋତା, ବିଜୟ ମହାରଣା, ଶ୍ରୀଧର ଦାସ, ସ୍ୱେଚ୍ଛାସେବୀ ମିରା ମୌସୁମୀ, ହିରାମଣୀ, ପ୍ରଭାତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଐତିହ୍ୟ, ସଂସ୍କୃତି, ପରମ୍ପରା, ପ୍ରତିଭାର ମହାମିଳନ

## ପାଇକା ମହୋତ୍ସବ ଉଦ୍‌ଘାଟିତ


ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ମାର୍ଶାଘାଇ, ୨।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ପୋତାରୀଠାରେ ନବମ ବାର୍ଷିକ ପାଇକା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପାଇକା ମହୋତ୍ସବ କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସରପଞ୍ଚ ସୁଜାତା ମଲ୍ଲିକ, ସଭ୍ୟା ସୋନାଲି ମଲ୍ଲିକ, ଶିକ୍ଷାବିତ୍ ଶିଶିର କୁମାର ଦାସ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଯୋଗଦେଇ ମହୋତ୍ସବ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରତିଭାର ମହାମିଳନ। ମହୋତ୍ସବ ଲୋକମାନଙ୍କ ମଧ୍ୟରେ ଏକତା ଭ୍ରାତୃତ୍ୱ ଭାବ ଭାଇଚାରା ସୃଷ୍ଟି କରିଥାଏ। ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ମହୋତ୍ସବ କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ସୂତାର, ସୂର୍ଯ୍ୟକାନ୍ତ ନାଥଙ୍କ ସମେତ ଆୟୋଜନକାରୀ ଫ୍ରେଣ୍ଡସ ୟୁଥ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ଓ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବ ପଡିଆରେ ବିଭିନ୍ନ ପ୍ରକାରର ଦୋକାନ ବଜାର ଖାଇବା ଷ୍ଟଲ, ମିନାବଜାର ଆଦି ଲାଗିଛି। ଏହି ମହୋତ୍ସବ ୭ ଦିନ ଧରି ଚାଲିବ ବୋଲି ଆୟୋଜକମାନଙ୍କ ସୂତ୍ରରୁ ଜଣାପଡିଛି।

## ହତ୍ୟା ମାମଲା: ୩ ଦୋଷୀଙ୍କୁ ଆଜୀବନ ଜେଲ

କେନ୍ଦୁଝର, ୨।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏଡିଜେ କୋର୍ଟରେ ଶନିବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମମିତା ଦାସ ପାଟଣା ଥାନା ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର ଶିବ ମୁଣ୍ଡା(୨୫), ରଥ ମୁଣ୍ଡା(୨୦) ଓ ସଞ୍ଜୟ ମୁଣ୍ଡା(୨୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୧ ଜାନୁଆରୀ ୨୦୨୧ରେ ଏରେଣ୍ଡେଇର ହେମନ୍ତ ମହାନ୍ତ ରାଜାକାହାଳି ସାହି ହାଟକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତମାନେ ମିଳିତ ଭାବେ ହେମନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ନିକଟରୁ ୪ ହଜାର ଟଙ୍କା, ମୋବାଇଲ ନେଇଯାଇଥିଲେ।

# ଏନ୍‌ସିସି କମାଣ୍ଡିଙ୍ଗ ଅଫିସରଙ୍କ ପଟ୍ଟାମୁଣ୍ଡାଇ କଲେଜ ପରିଦର୍ଶନ


ପଟ୍ଟାମୁଣ୍ଡାଇ କଲେଜରେ ଅତିଥିଙ୍କ ଗହଣରେ ଏନ୍‌ସିସି କ୍ୟାଡେଟମାନେ।

ପଟ୍ଟାମୁଣ୍ଡାଇ, ୨।୩ (କଳ୍ପତରୁ ନାୟକ)

ଏନ୍‌ସିସି ୱାନ ଓଡ଼ିଶା ଗାର୍ଲସ ବାଟାଲିୟନର ଲେଫ୍ଟନାଣ୍ଟ କର୍ଣ୍ଣେଲ ବିକାଶ ମଣ୍ଡଳ ପଟ୍ଟାମୁଣ୍ଡାଇ କଲେଜକୁ ସ୍ୱତନ୍ତ୍ର ପରିଦର୍ଶନରେ ଆସି ଏନ୍‌ସିସି ବାଳିକା ଶାଖାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଦାରଖ କରିଥିଲେ। ତାଙ୍କ ସହ ଏସ.ଏମ. ବିରାଜ ସାବ, ଏସ. ପ୍ରଧାନ ଯୋଗଦେଇ ବାଳିକା ଏନ୍‌ସିସି କ୍ୟାଡେଟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ସେମାନଙ୍କ ସ୍କିଲ ଓ ଉଇଲ ପାୱାର ବଢ଼ାଇବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ଏନ୍‌ସିସି ବାଳିକା ଶାଖା ଲେଫ୍ଟନାଣ୍ଟ ଆରଏଲ ମଧୁସ୍ମିତା ପରିଡା କଲେଜକୁ ସ୍ୱାଗତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ବୁଲାଇ ଦେଖାଇଥିଲେ।

# ସାଧୁ ଉଦ୍ୟମ, ପରିଶ୍ରମ କେବେ ବ୍ୟର୍ଥ ଯାଏନି

ଆଳି, ୨।୩ (ବନମାଳୀ ସେନାପତି)

କୌଣସି ସାଧୁ ଉଦ୍ୟମ ଓ ପରିଶ୍ରମ କେବେ ବ୍ୟର୍ଥ ଯାଏନି ବୋଲି ମେଣ୍ଢପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ୩୯ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତ ପ୍ରଦାନ କରିଛନ୍ତି। ଦୁଇ ଅନୁଷ୍ଠାନ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବନମାଳୀ ସେନାପତି ଓ ସମ୍ମାନିତ ଅତିଥି ଭାବେ ଅଭିରାମ ଦଳେଇ, ସେକ୍ ୱାଜିଦ୍, ଗୋରା ଖାଁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ସେମାନଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ, କୌଣସି ସାଧୁ ଉଦ୍ୟମ ଓ ସାଧୁ ପରିଶ୍ରମ କେବେ ବ୍ୟର୍ଥ ହେବନି। ସଫଳତା ପାଇବାକୁ ଜଣଙ୍କର ଆତ୍ମବିଶ୍ୱାସ, କଠିନ ପରିଶ୍ରମ ଓ ନୀତି ନିଷ୍ଠ ଉଦ୍ୟମ ରହିବା ଦରକାର। ସମସ୍ତ କାର୍ଯ୍ୟ କରିବାକୁ ବୟୋଜ୍ୟେଷ୍ଠ ଲୋକେମାନଙ୍କର ଆଶୀର୍ବାଦ ପାଇବା ଜରୁରୀ। ଜଣେ ଭଲ ପାଠ ପଢି ଭଲ ଚାକିରି କରିପାରେ, କିନ୍ତୁ ସେ ଯଦି ନିଜ ମାତାପିତାଙ୍କୁ ହତାଦର କରେ ସେ ଭବିଷ୍ୟତରେ ଭଲ ଭାବରେ ରହିପାରିବ ନାହିଁ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯିଏ ଯେତେ ଅଧ୍ୟବସାୟୀ କରିବ ସେତେ ସଫଳତା ପାଇବ। ସଫଳତା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ବରିଷ୍ଠ ଶିକ୍ଷକ ଗୋଲେକ ଚନ୍ଦ୍ର ଲେଙ୍କା ଅତିଥିମାନଙ୍କ ପରିଚୟ ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ନିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରମୋଦ ମଲ୍ଲିକ ଓ ସୁନିମା ସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇଫତେକାର ଆଦିଲ, ମୋନାଲିସା ବେହେରା, ନାରାୟଣ ପୂଜାରୀ, ମହମ୍ମଦ ସଫିକ୍, ତଫିକ୍ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସେକ୍ ଆବିଦ କୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ସେକ୍ ସାବିରଙ୍କ ସ୍ମୃତିରେ ଦିଆଯାଉଥିବା ପୁରସ୍କାର ପାଇଥିଲେ।

# ଗୋରୁ ଗାଡ଼ି ଜବତ: ୩ ଗିରଫ

ଡେରାବିଶ, ୨।୩ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ଥାନା ଅଞ୍ଚଳରେ ବେଆଇନ ଭାବେ ଗୋ-ଚାଲାଣ ହେଉଥିବା ବେଳେ ଶନିବାର ଅପରାହ୍ନରେ ୫୩ ନଂ. ଜାତୀୟ ରାଜପଥର ଛତା ଛକଠାରେ ପୋଲିସ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍‌କୁ ଜବତ କରିଛି। ଡ୍ରାଇଭର ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଗାଡ଼ିରୁ ପୋଲିସ ୪ଟି ଗୋରୁ ଜବତ କରିଛି। ଏ ନେଇ ନିକିରେଇ ଥାନା ଅଞ୍ଚଳର ମାଧବ ଚନ୍ଦ୍ର ପରିଡ଼ାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୩୧/୨୪ରେ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମତ୍ସ୍ୟ ଯାଆଁଳ ହାଚେରୀ କମ୍ପ୍ଲେକ୍ସ ଉଦ୍‌ଘାଟନ, ସଚେତନତା ଶିବିର

ପାଟକୁରା, ୨।୩(ରବୀନ୍ଦ୍ର ନାଥ ବାରିକ)



କେନ୍ଦ୍ରାପଡ଼ା ଜିଲାର ସର୍ବବୃହତ ମଧୁର ଜଳ ଯାଆଁଳ ଉତ୍ପାଦନ କେନ୍ଦ୍ର ଗରଦପୁର ବ୍ଲକ ଅନ୍ତର୍ଗତ ଭଗବାନପୁରସ୍ଥିତ ମା' ବୁଢ଼ୀ ଜାଗୁଳାଇ ଫିସ୍ ସିଡ୍ ହାଚେରୀର ଶନିବାର ନୂତନ ମତ୍ସ୍ୟ ଯାଆଁଳ ହାଚେରୀ କମ୍ପ୍ଲେକ୍ସ ଉଦ୍‌ଘାଟିତ ହେବା ସହ ମତ୍ସ୍ୟରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଭୁବନେଶ୍ୱରସ୍ଥିତ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ବୁଢ଼ୀ ଜାଗୁଳାଇ ଫିସ୍ ସିଡ୍ ହାଚେରୀର ଏକ ନୂତନ ମତ୍ସ୍ୟ ଯାଆଁଳ ହାଚେରୀ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ମାନସ କୁମାର ସିହ୍ନା, ସିଫାର ବୈଜ୍ଞାନିକ ଡ. ଜେ.କେ. ସୁନ୍ଦର ରାୟ, ଡ. ସ୍ୱାତା ମହାନ୍ତି, ଡ. ପଙ୍କଜ କୁମାର ତିୱାରି ଓ କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ଉପସ୍ଥିତ ରହି ଉନ୍ନତମାନର ମଧୁର ଜଳ ମାଛ ଚାଷ କରିବା ସମ୍ପର୍କରେ ଉପସ୍ଥିତ ମତ୍ସ୍ୟଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ସିଫାର ବୈଜ୍ଞାନିକମାନଙ୍କ ଦ୍ୱାରା ଗବେଷଣା କରାଯାଇ ଉତ୍ପାଦନ କରାଯାଇଥିବା ଅଧିକ ଅମଳକ୍ଷମ ଜୟନ୍ତୀ ରୋହି, ଅମୃତ କାଟଲା, ଜିଆଇ କାଟଲା ଓ ଅମୃତ କାପ୍ ଭଳି ଉନ୍ନତ କିସମର ମାଛ ଯାଆଁଳ ବ୍ୟବହାର କରିବା ସହ ପୋଖରୀର ପାଣି, ଉପଯୁକ୍ତ ପରିମାଣର ଖାଦ୍ୟ ରୋଗ ନିରାକରଣ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକସ୍ଥଳେ ମତ୍ସ୍ୟଚାଷୀଙ୍କୁ ସିଫାର ବୈଜ୍ଞାନିକମାନେ ପରାମର୍ଶ ଯୋଗାଇ ଦେବେ ବୋଲି କହିଥିଲେ। ସିଫାର ଅନୁବନ୍ଧିତ ଏହି ଜାତୀୟ ସ୍ତରର ୭ଟି ଶ୍ରେଷ୍ଠ ମଧୁର ଜଳ ମାଛ ଯାଆଁଳ କେନ୍ଦ୍ର ମଧ୍ୟରୁ ଭଗବାନପୁରସ୍ଥିତ ମା' ବୁଢ଼ୀ ଜାଗୁଳାଇ ଫିସ୍ ସିଡ୍ ହାଚେରୀ ଅନ୍ୟତମ। ଏହି କେନ୍ଦ୍ରର ମାଛ ଯାଆଁଳ ରାଜ୍ୟ ଏବଂ ରାଜ୍ୟ ବାହାରର ମତ୍ସ୍ୟ ଚାଷୀଙ୍କ ଆଦୃତ ହୋଇପାରିଛି ବୋଲି ସିଫାର ବୈଜ୍ଞାନିକମାନେ କହିଥିଲେ। ନୂତନ ହାଚେରୀ ମାଛ ଚାଷୀମାନଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହେବ। ଶିବିରରେ କେନ୍ଦ୍ରାପଡ଼ା ଜିଲା ସମେତ ଜଗତ୍‌ସିଂହପୁର, ଯାଜପୁର, କଟକ, ଢେଙ୍କାନାଳ ଓ ପଶ୍ଚିମବଙ୍ଗରୁ ଶତାଧିକ ଚାଷୀ ଉପସ୍ଥିତ ରହି ମତ୍ସ୍ୟ ବୈଜ୍ଞାନିକଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅବସରରେ ହାଚେରୀର ଉଦ୍ୟୋଗୀ ଝିନା ପରିଡ଼ା କେନ୍ଦ୍ରର ଲାଭାଂଶକୁ ଚାଷୀମାନଙ୍କ ମଧ୍ୟରେ ଆବଶ୍ୟକସ୍ଥଳେ ଯାଆଁଳ ମୂଲ୍ୟର ଶତକଡ଼ା ୨୫ ଭାଗ ମତ୍ସ୍ୟ ଦାନା ଓ ଔଷଧରେ ଶତକଡ଼ା ୫୦ ଭାଗ ରିହାତି ପ୍ରଦାନ କରିଥାନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ହାଚେରୀର ଅନ୍ୟତମ ପରିଚାଳିକା ଲାଲିମା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ଜୈବିକ ସାର ପ୍ରୟୋଗକୁ ଗୁରୁତ୍ୱ

## କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରାକୃତିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୨।୩ (ପ୍ରମୋଦ କୁମାର ନାୟକ)



କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି, ଚାଷୀ ଓ ଅନ୍ୟମାନେ।

ସମ୍ପ୍ରତି ଖାଦ୍ୟ ସମସ୍ୟା ରୋଗର କାରଣ ହେଉଛି। ଏ ପରିସ୍ଥିତିରେ ଜୈବିକ ସାର ପ୍ରୟୋଗର ଆବଶ୍ୟକତା ରହିଛି। ଏହି ସାର ପ୍ରୟୋଗ ଦ୍ୱାରା ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଆମମାନଙ୍କ ପାଇଁ ଉପକାରୀ ହେଉଛି। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଥିବାରୁ ଏହାର ବ୍ୟାପକ ବ୍ୟବହାର ହେବା ଜରୁରୀ। ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରାକୃତିକ କୃଷି ସମ୍ବନ୍ଧୀୟ ୨ ଦିନିଆ ପ୍ରଶିକ୍ଷଣ ଓ ସଚେତନତା ଶିବିରରେ ବିଶେଷଜ୍ଞମାନେ ଏଭଳି କହିଛନ୍ତି। ଏହି ଅବସରରେ ସେମାନେ ଜୈବିକ ସାର ସହ ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରୀକ୍ଷା ଦ୍ୱାରା ମୃତ୍ତିକାର ମାନ ନିର୍ଣ୍ଣୟ ସହ ପରବର୍ତ୍ତୀ ପଦକ୍ଷେପ ନିଆଯାଇ ପାରିବ। ଅର୍ଥାତ୍ ଉପକାରୀ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇପାରିବ ବୋଲି କୁହାଯାଇଥିଲା। ତେଣୁ ପ୍ରାକୃତିକ ଉପାୟରେ ଜୈବିକ ସାର ପ୍ରସ୍ତୁତ କରି ଉତ୍ପାଦନକ୍ଷମ ଫସଲରେ ପ୍ରୟୋଗ କରିବା ଆବଶ୍ୟକ। ଏହାଦ୍ୱାରା ଆମଦାନୀ ଭଲ ହେବ ବୋଲି ଶିବିରରେ କୁହାଯାଇଥିଲା। ଏନେଇ ୨ ଦିନ ଧରି ବିଶେଷଜ୍ଞମାନଙ୍କ ଦ୍ୱାରା ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଏକାଧିକ କୃଷିମିତ୍ର, ପ୍ରାଣୀମିତ୍ର ଓ ପ୍ରାକୃତିକ କୃଷିରେ ଜଡିତ ଥିବା ଚାଷୀ ଏବଂ ପ୍ରାକୃତିକ କୃଷି ନିମନ୍ତେ ଇଚ୍ଛୁକ ଥିବା ଚାଷୀ ଯୋଗ ଦେଇଥିଲେ। ମୃତ୍ତିକା ବିଭାଗ ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଯଥା ରୋଗପୋକ ବିଭାଗ ବୈଜ୍ଞାନିକ ଡ. ଦେବାଶିଷ ପଣ୍ଡା, କୃଷି ଯନ୍ତ୍ରପାତି ବିଭାଗ ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ, ଗୃହ ବିଜ୍ଞାନ ବୈଜ୍ଞାନିକ ସସ୍ମିତା ପୁରୋହିତ, ମତ୍ସ୍ୟ ବିଭାଗ ସହାୟିକା ସରିତା ଦାସ, ଉଦ୍ଭିଦ ପରୀକ୍ଷାଗାରର ସହାୟିକା ବିଜୟିନୀ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଅସବର୍ଣ୍ଣ ପିଲାଙ୍କ ଦ୍ୱାରା ସଫେଇ

ନୟାଗଡ଼,୨।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ କରଡା ହରିହରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସବର୍ଣ୍ଣ ଛାତ୍ରୀଛାତ୍ର ୨ ପାସ କରିଥିଲେ। ସ୍କୁଲର ଜଣେ ଶିକ୍ଷକ ୪ ଜଣ ଅସବର୍ଣ୍ଣ ଛାତ୍ରଙ୍କୁ ନେଇ ପାଇଖାନା ସଫେଇ କରିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, ବୁଧବାର କେତେଜଣ ସବର୍ଣ୍ଣ ଛାତ୍ରୀଛାତ୍ର ପାଇଖାନାରେ ୨ ପାସ କରିଥିଲେ। ହେଲେ ସେମାନେ ତାହାକୁ ସଫେଇ କରି ନ ଥିଲେ। ପାଇଖାନା ଅପରିଷ୍କାର ହେବା ଦେଖି ଜଣେ ଶିକ୍ଷକ ବିରକ୍ତି ପ୍ରକାଶ କରି ୨ୟ ଓ ତୃତୀୟ ଶ୍ରେଣୀର ଅସବର୍ଣ୍ଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କରିଥିଲେ। ଶିକ୍ଷକଙ୍କ ଏଭଳି ପଦକ୍ଷେପକୁ ପ୍ରତିବାଦ କରାଯାଇଛି। ଏ ନେଇ ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ରାଜଲକ୍ଷ୍ମୀ ମଲ୍ଲିକ କୁହନ୍ତି, ସ୍କୁଲରେ ଛୁଆଁ ଅଛୁଆଁ ଭେଦ ଭାବ ରଖିବା ଠିକ୍ ନୁହେଁ। ସବର୍ଣ୍ଣ ଛାତ୍ରୀଛାତ୍ର ମଇଳାକୁ ଅସବର୍ଣ୍ଣ ଛାତ୍ରୀଛାତ୍ର କାହିଁକି ସଫେଇ କରିବେ।

ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିବା ପରେ ଛାତ୍ରୀଛାତ୍ର ମିଛ କହୁଛନ୍ତି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ପ୍ରଧାନ ଶିକ୍ଷକ ନବ କିଶୋର ସାହୁଙ୍କୁ ପଚାରିବାରେ ପରିଶ୍ରାଗାରରେ କୌଣସି ଛାତ୍ରୀଛାତ୍ର ୨ ପାସ କରି ଚାଲି ଯାଇଥିଲେ। ପରିଶ୍ରାଗାର ଅପରିଷ୍କାର ଦେଖି ଜଣେ ଶିକ୍ଷକ କେତେଜଣ ଛାତ୍ରୀଛାତ୍ରଙ୍କୁ ପାଡ଼ି ଢ଼ାଳି ଦେବାକୁ କହିଥିଲେ।

ଏହି ଘଟଣାରେ ଛୁଆଁ ଅଛୁଆଁ ଭେଦ ଭାବ କିଛି ନାହିଁ। କାହାକୁ ହଇରାଣ କରାଯାଇନାହିଁ। ଘଟଣା ଦିନ ଅନୁପସ୍ଥିତ ଥିଲି। ତେବେ ଶନିବାର ଖବରପାଇ ଏହାର ତଦନ୍ତ କରି ଘଟଣା ସମ୍ପର୍କରେ ବୁଝାସୁଝା କରିଛି। ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀଙ୍କ ସହ ମଧ ଆଲୋଚନା କରି ଘଟଣାର ସମାଧାନ କରିବାକୁ ଚେଷ୍ଟା କରିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଓଡଗାଁ ବିଇଓ ଗୀତାଞ୍ଜଳି ସାହୁଙ୍କୁ ପଚାରିବାରେ କରଡା ହରିହରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୌଣସି ଅଭିଯୋଗ ପାଇନାହିଁ। ତେବେ ସବର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଇଳାକୁ ଅସବର୍ଣ୍ଣ ପିଲା ସଫେଇ କରିବା ଘଟଣାର ସୋମବାର ଅନୁଧ୍ୟାନ କରିବି ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସୋରଡ଼ା,୨।୩ (ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା-ଆସିକା ୫୯ ନମ୍ବର ଜାତୀୟ ରାଜପଥ ପଙ୍କାଲ ନିକଟରେ ଶନିବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପାଳପୁର ଶାସନ ପଞ୍ଚାୟତ ସୋରିଷବିଲ୍ଲି ଗ୍ରାମର ସୁରେନ୍ଦ୍ର ପୋଲାଇଙ୍କ ପୁଅ ପପୁନ। ସେ ଗତ ତିନି ଦିନ ପୂର୍ବରୁ ସୁରଟରୁ ଘରକୁ ଆସିଥିଲେ। ଶୁକ୍ରବାର ରାତିରେ ବାଇକରେ ଯାଉଥିବା ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି।

## ଗୋଟିଏ ରାତ୍ରିରେ ୨ ଶିବମନ୍ଦିରରୁ ଚୋରି



ଗଣିଆ,୨।୩ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ମଣିଭଦ୍ରା ପାଦଦେଶରେ ବିରାଜିତ ମା' କଳାପାଟ ଠାକୁରାଣୀଙ୍କ ପୀଠରୁ ଫେବୃଆରୀ ୨୩ରେ ଦାନବାକ୍ସ ଚୋରି ହୋଇଥିଲା। ଶୁକ୍ରବାର ରାତ୍ରିରେ ଛାମୁଣ୍ଡିଆ ପଞ୍ଚାୟତର ଗୁପ୍ତେଶ୍ୱର ମହାଦେବ ଓ ରାସଙ୍ଗ ପଞ୍ଚାୟତ ଡଙ୍କାରିସାହିସ୍ଥିତ ଗଣପତିଶ୍ୱରଙ୍କ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗୁପ୍ତେଶ୍ୱର ମହାଦେବ ମନ୍ଦିରରେ ବିଦ୍ୟୁତ କଟର ମେଶିନ ସାହାଯ୍ୟରେ ଦାନବାକ୍ସ, ଠାକୁରଙ୍କ ଗମ୍ଭୀରା ଓ ଷ୍ଟୋର ରୁମ୍‌ର ତାଲାକୁ କାଟି ଦେବା ସହ ଦାନବାକ୍ସର ସମସ୍ତ ଦାନ ଅର୍ଥ ଲୁଟି ନେଇଛନ୍ତି। ତେବେ ଦାନବାକ୍ସର ଟାଇଲ ତାଡିବା ସହ ଲୁହା ବାକ୍ସକୁ କଟରରେ କାଟିଥିବା ବେଳେ କଟର ଏକ ବ୍ଲେଡ ତଳେ ପଡିଥିବା ଦେଖିବାକୁ ମିଳିଛି। ତବେ ଠାକୁରଙ୍କ ମନ୍ଦିରରେ ମୂଲ୍ୟବାନ ଅଳଙ୍କାର ଚୋରି କରିବା ଉଦ୍ଦେଶ୍ୟରେ ଗମ୍ଭୀରା ଗୃହ ତାଲା ଭାଙ୍ଗି ଠାକୁରଙ୍କ ମୂର୍ତ୍ତିକୁ ଏପଟସେପଟ କରିଥିବା ଦେଖାଯାଇଛି। ସେହିପରି ଗଣପତିଶ୍ୱର ମନ୍ଦିରର ଲୁହାଗ୍ରିଲ କବାଟର କିଛି ଅଂଶ କାଟିବା ପରେ ମନ୍ଦିରରେ ପଶି ଦାନବାକ୍ସ ଭାଙ୍ଗି ଦାନ ଅର୍ଥକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଶନିବାର ସକାଳୁ ଉଭୟ ମନ୍ଦିରର ପୂଜକ ପୂଜା କରିବାକୁ ପହଞ୍ଚି ଚୋରି ହୋଇଥିବା ଦେଖିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ଥାନା ସବ୍ ଇନ୍ସପେକ୍ଟର ବୀରେନ୍ଦ୍ର କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଚୋରି ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଜଣାପଡିଛି। ପୋଲିସ ପକ୍ଷରୁ ଖୁବ୍‌ଶୀଘ୍ର ମନ୍ଦିରରୁ ଚୋରି କରିଥିବା ଦୁର୍ବୃତମାନଙ୍କୁ ଧରାଯିବ ବୋଲି ଆଇଆଇସି ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି। ଅପରପକ୍ଷେ ଡଙ୍କାରିସାହିଠାରୁ ଛାମୁଣ୍ଡିଆ ରାସ୍ତା ପାର୍ଶ୍ୱରେ ଗଣପତିଶ୍ୱର, ମା' କଳାପାଟ ଓ ଗୁପ୍ତେଶ୍ୱର ମହାଦେବ ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିବା ପରେ ଏହି ୩ ମନ୍ଦିର ଦେଇ ଗଣିଆ-ଛାମୁଣ୍ଡିଆ ଯାଇଥିବା ରାସ୍ତାରେ ରାତ୍ରୀ ସମୟରେ ଲୋକମାନେ ଯାତାୟାତ ପାଇଁ ନିରାପଦ ମଣୁ ନାହାନ୍ତି।

## ରାଣୀଛେଲ୍ଲୀରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲ୍ଲୀ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସାମାଜିକ କର୍ମୀ ସୁଶାନ୍ତ କୁମାର ବେହେରା, ସମିତିସଭ୍ୟା ରଶ୍ମିତା ପ୍ରଧାନ, କଳପଙ୍ଗୀ ଗ୍ରାମ ସଭାପତି ଶଶିଭୂଷଣ ପରିଡା, ବ୍ରଜବନ୍ଧୁ ଦାସ, କୁଳମଣୀ ଦଳେଇ, ମହେନ୍ଦ୍ର କୁମାର ନାୟକଙ୍କ ସମେତ ବହୁ କର୍ମୀ, ସଙ୍ଗଠକ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ରାଣୀଛେଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳର ଚିହ୍ନ ଶଙ୍ଖର ଏକ ପୋଷ୍ଟର ମରାଯାଇଥିଲା।




ଶୋଭାଯାତ୍ରାରେ ଯାଉଥିବା ବିଜେଡି ନେତା ଓ କର୍ମୀ।

## ଶିକ୍ଷକ ହେଉଛନ୍ତି ଦେଶର ବିନ୍ଧାଣି




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

### ସେବା ନିବୃତ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପୂଜ୍ୟପୂଜା କାର୍ଯ୍ୟକ୍ରମ

ରଣପୁର,୨।୩ (ସୁକାନ୍ତ କିଶୋର ଡ଼ାକୁଆ)

ଶିକ୍ଷକ ହେଉଛନ୍ତି ଦେଶର ବିନ୍ଧାଣି ସେମାନେ ଛାତ୍ରୀଛାତ୍ରମାନଙ୍କୁ ଭଲ ଶିକ୍ଷାଦାନ କରି ଦେଶକୁ ଭଲ ଓ ସୁସ୍ଥ ସମାଜ ଗଠନ କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ। ହେଲେ ଅବସର ପରେ ଯେମିତିକି ଅଲୋଡ଼ା ହୋଇଯାନ୍ତି ଶିକ୍ଷୟିତ୍ରୀଶିକ୍ଷକମାନେ। ସେହି ପୁରୁଣ ଦିନକୁ ସାଉଁଟି ସେମାନଙ୍କ ମନରେ ଉଲ୍ଲାସ ଭରିଦେବା ପାଇ ଶନିବାର ନୟାଗଡ଼ ଜଲା ରଣପୁର ବ୍ଲକର ଗୋପାଳପୁର ସର୍କଲରେ ସେବା ନିବୃତ୍ତ ଶିକ୍ଷୟତ୍ରୀଶିକ୍ଷକଙ୍କ ପୂଜ୍ୟ ପୂଜା ନମନ କାର୍ଯ୍ୟକ୍ରମ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବିଇଓ ବନଲତା ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଂଯୋଜକ ତଥା ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଭାପତି ଜ୍ୟୋତି ରଞ୍ଜନ ଦାଶ, ଜିଲା ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଙ୍ଗଠନର କୋଷାଧକ୍ଷ ହେମନ୍ତ କୁମାର ମିଶ୍ର, ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଗୋପାଳପୁର ସର୍କଲ ସଭାପତି ନୀଳମଣି ବେହେରା, ସମ୍ପାଦକ ମହେନ୍ଦ୍ର କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଧୂପ ଦୀପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନୀଳକଣ୍ଠ ଦେବ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥିମାନେ ଅବସରଶିକ୍ଷକଙ୍କ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଗୋପାଳପୁର ସର୍କଲର ୧୯୫୦ରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଶିକ୍ଷକତା କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ଦିଗଦର୍ଶନ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଅବସର ନେଇଥିବା ଏହି ଅଞ୍ଚଳର ୭୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଫୁଲ, ଚନ୍ଦନ, ଉପଢୌକନ ଓ ପୁଷ୍ପ ମାଳ ଦେଇ ସେଠାରେ ପୂଜା କରାଯାଇଥିଲା।

## ଅପେରା ଯୋଗୁ ମାଘମେଳାରେ ଭିଡ଼ ଜମୁଛି

ଖଣ୍ଡପଡା,୨।୩(ଅଜୟ କୁମାର ମହାରଣା)

ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ପାରମ୍ପରିକ ରୀତିରେ ଏବଂ ନିରୁତ୍ସାହିତ ଭାବେ ସମ୍ପନ୍ନ ହୋଇ ଯାଇଥିଲା। ଯାତ୍ରା ପାର୍ଟି ଅପେରା ପରିବେଷଣ ପରେ ଭିଡ଼ ବଢ଼ିବାରେ ଲାଗିଛି। ମେଳାର ଶନିବାର ହେଉଛି ୧୧ତମ ଦିବସ। ଏହି ମେଳା ଯାତ୍ରା ଦଳଙ୍କ ଅପେକ୍ଷାରେ ଥିଲା। ଫଳରେ ଯାତ୍ରାଦଳର ଆଗମନ ପରେ ଯାତ୍ରାରେ ଏବେ ଭିଡ ପରିଲକ୍ଷିତ ହୋଇଛି। ଗତ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ମାଘମେଳା ମହୋତ୍ସବ ଯୋଗୁ (ମାଘମେଳାର ପ୍ରଥମ ୫ଦିନକୁ ବାଦ ଦେଲେ) ଗହଳଚହଳ ଲାଗି ରହିଥିଲା। ଫଳରେ ବେପାର ମାନ୍ଦା ଆଶଙ୍କା ବ୍ୟବସାୟୀ ହତାସ ହୋଇପଡିଥିଲେ। ଶୁକ୍ରବାରଠାରୁ ମେଳା ପାଗ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଥିବାରୁ ମେଳାରେ ଗହଳି ଚହଳି ଆରମ୍ଭ ହୋଇଛି। ବିଭିନ୍ନ ଦୋକାନୀଙ୍କ ମଧ ବେପାର ଭଲ ହେବାର ଆଶା ସଂଚାର କରିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟକ୍ତି ଓ ଘରୋଇ ଅନୁଷ୍ଠାନମାନେ ସେମାନଙ୍କ ଷ୍ଟଲ ଖୋଲିଥିବା ବେଳେ ଗୋଟିଏ ଜାଗାରେ ବିଭିନ୍ନ ସାମଗ୍ରୀ ପାଇବା ନିମନ୍ତେ ଗ୍ରାହକଙ୍କ ଭିଡ ଜମୁଛି। ବହୁ ଯାତ୍ରୀଙ୍କ ସମାଗମ ସତ୍ତ୍ୱେ କଣ୍ଟିଲୋ ମେଳାରେ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଶନିବାର ଦ୍ୱିତୀୟ ରାତ୍ରରେ ତୁଳସୀ ଗଣନାଟ୍ୟ ଯାତ୍ରା ପରିବେଷଣ କରୁଥିବାରୁ ଅଗ୍ରୀମ ଟିକେଟ ପାଇଁ ଟିକେଟ କାଉଁଟରରେ ଭିଡ ପରିଲକ୍ଷିତ ହୋଇଛି। ପ୍ରକାଶ ଥାଉକି, ମେଳାରେ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗୁ କୌଣସି ସମସ୍ୟା ସୃଷ୍ଟି ହୋଇ ନ ଥିବା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ଠାରୁ ପ୍ରକାଶ।

## ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ



ରଣପୁର,୨।୩(ସୁକାନ୍ତ କିଶୋର ଡାକୁଆ)

ଗୋଡିପଡା ସର୍ଦ୍ଦାର ପଟେଲ ବିଦ୍ୟାପୀଠର ୧୯୮୩ ଛାତ୍ରୀଛାତ୍ର ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରଣପୁର ବ୍ଲକର ମାଳିସାହି ପାଚିଲାଗୋଡି ବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତାଇୱାନ ଦେଶରେ ବୈଜ୍ଞାନିକ ଥିବା ମାଳିସାହିର ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନରେ ୪୨ସହପାଠୀଙ୍କ ପରିବାର ଏକାଠି ହୋଇ ସୁଖଦୁଃଖ ବାଣ୍ଟିଥିଲେ। ଦୀର୍ଘ ୪୧ ବର୍ଷ ପରେ ସହପାଠୀମାନେ ଏକାଠି ହୋଇଥିବାରୁ ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ।

## ଅଲଟ୍ରାସାଉଣ୍ଡ ମେଶିନ ସିଲ୍‌କଲା ଜିଲା ପ୍ରଶାସନ

ନୟାଗଡ଼,୨।୩(ଲୋକନାଥ ମିଶ୍ର)



ନୟାଗଡ଼ ସହରର ସାଇ ଅଲଟ୍ରାସାଉଣ୍ଡ କେନ୍ଦ୍ର ଶନିବାର ସିଲ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ କର୍ଣ୍ଣଦେବ ସମାଦରଙ୍କ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଇଥିଲା। ଉକ୍ତ ଯାଞ୍ଚ ସମୟରେ ଅଧିକୃତ ବିଶେଷଜ୍ଞ ଡା. ତାଙ୍କର ସମ୍ମତି ପ୍ରତ୍ୟାହାର କରିବା ସମ୍ପର୍କରେ ପଚରା ଉଚରା କରାଯାଇଥିଲା। କେନ୍ଦ୍ରର ପରିଚାଳିକା ନିର୍ମଳା ବାରିକ ଗ୍ରହଣ କରିଥିଲେ। ପୁନଶ୍ଚ ଉକ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ବର୍ତ୍ତମାନ ସ୍ଥିତିରେ ପରିଚାଳନା କରିବା କଷ୍ଟକର ବୋଲି କହିଥିଲେ। ସେଥିପାଇଁ ପ୍ରାଧିକୃତ ବିଶେଷଜ୍ଞ ଡାକ୍ତର ଅନୁପସ୍ଥିତି କାରଣରୁ ଲିଙ୍ଗ ନିରୂପଣ ଭଳି ବେଆଇନ କାମର ମେଶିନ, ଆସବାବପତ୍ର ଓ ଅନେକ କାଗଜପତ୍ର ସିଲ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ସୁଭାସ ଚନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା' ତାରାତାରିଣୀ ମନ୍ଦିରକୁ ଅନୁଦାନ ପାଇଁ ଦାବିପତ୍ର

ଶେରଗଡ଼, ୨।୩(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ତାକରଡା ପଞ୍ଚାୟତ ଶୋଭାଚନ୍ଦ୍ରପୁର ଗ୍ରାମ ନିକଟ ପାହାଡ଼ ଉପରେ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିର। ସେହି ମନ୍ଦିର ବହୁ ପ୍ରାଚୀନ ଅଟେ। ୫-ଟି ସଚିବଙ୍କ ଗସ୍ତ ପରେ ଉକ୍ତ ମନ୍ଦିର ଉନ୍ନତୀକରଣ ପାଇଁ ୪୫ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତେବେ ମନ୍ଦିରରେ ଆହୁରି କିଛି କାମ ବାକି ରହିଥିବାରୁ ଆଉ ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ମନ୍ଦିର କମିଟି ପକ୍ଷରୁ ଦାବି କରାଯାଇଛି। ଶନିବାର ପରିଚାଳନା କମିଟି ସଦସ୍ୟମାନେ ମାନେ ଭୁବନେଶ୍ୱର ଯାଇ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ମା'ବରାଳ ଦେବୀ ମନ୍ଦିର ପରିସୀମା ନିର୍ଦ୍ଧାରଣ

ଖଜରିପଡ଼ା,୨।୩(ବିଦୁର ବେହେରା)

କନ୍ଧମାଳ ଜିଲାର ପ୍ରତ୍ୟକ୍ଷ ଦେବୀ ମା' ବରାଳ ଦେବୀ ମନ୍ଦିରର ଉନ୍ନତି କରଣ ଏବଂ ସୌନ୍ଦର୍ଯ୍ୟ କରଣ ପାଇଁ ଓଡ଼ିଶା ସରକାର ୨ କୋଟି ୯୯ ଲକ୍ଷ ୩ ହଜାର ଟଙ୍କା ଅନୁମୋଦନ କରିବା ପରେ ମନ୍ଦିର ଉନ୍ନତି କରଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ଏବଂ ବଲସକୁମ୍ପା ଗ୍ରାମବାସୀ ମଧ୍ୟରେ ପରିସୀମାକୁ ନେଇ ବିବାଦ ଉପୁଜିବାରୁ ଶୁକ୍ରବାର ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ, ବିନୟ ସାହୁ, ଜୟନ୍ତ ସାହୁ ସମେତ ପୋଲିସ ବାହିନୀ ଉପସ୍ଥିତ ରହି ମା' ବରାଳ ଦେବୀ ମନ୍ଦିର ପରିସୀମା ନିର୍ଦ୍ଧାରଣ କରିଥିଲେ। ଏହି ସମୟରେ ଉଭୟ ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସେବାୟତ ଦିଲ୍ଲୀପ କୁମାର୍ ଦଳବେହେରା, ଉଦ୍ଧବ ବିଷୋୟୀ, ନଟବର ନାୟକ ସମେତ ମନ୍ଦିର କର୍ମ କର୍ତ୍ତା ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ଭାବେ ମା' ବରାଳ ଦେବୀ ମନ୍ଦିର ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବା ସହିତ ଜମି ବିବାଦ ତୁଟି ଥିବା ତହସିଲଦାର କହିଛନ୍ତି।

## ମହାନଦୀ ବାଲିରେ ବୁଲୁଛି କୁମ୍ଭୀର



ଗଣିଆ,୨।୩ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମ ନିକଟ ମହାନଦୀ ବାଲିପଠାରେ ଏକ କୁମ୍ଭୀର ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କୁମ୍ଭୀରଟି ନଦୀ ବାଲିରେ ବୁଲୁଥିବାର ଦେଖି ଲୋକେ ଗଣିଆ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବରପାଇ ବନ କର୍ମଚାରୀମାନେ କୁମ୍ଭୀରଟିକୁ କୌଶଳକ୍ରମେ ଉଦ୍ଧାର କରି ମହାନଦୀର ସାତକୋଶିଆ ଗଣ୍ଡରେ ଛାଡି ଦେଇଛନ୍ତି। ଏହା ଏକ ଗୋମୁହାଁ କୁମ୍ଭୀର ବୋଲି ଜଣାପଡାଛି। କୁମ୍ଭୀର ବାଲିରେ ବୁଲିବା ଦେଖିବା ପରେ ସ୍ଥାନୀୟ ଲୋକେ ମହାନଦୀକୁ ସ୍ନାନ ଓ ଶୌଚ କରିବାକୁ ଯିବାକୁ ନିରାପଦ ମଣୁନାହାନ୍ତି। ସୂଚନାଯୋଗ୍ୟ, ମହାନଦୀରେ ବନ୍ୟାଜଳ ଆସିବା ସମୟରେ କେତେକ କୁମ୍ଭୀର ମହାନଦୀ ପାଣିରେ ନାଳ ପୋଖରୀ ଆଦି ଜଳାଶୟକୁ ଚାଲିଯାଇଥାନ୍ତି। ସେଠାରେ ଖରାଦିନେ ପାଣି ଶୁଖିଯିବା ସହ ଖାଦ୍ୟାଭାବ ପରେ ଆପେ ଆପେ ମହାନଦୀକୁ ଚାଲିଯାଇଥାନ୍ତି। ଏହି କୁମ୍ଭୀରଟି କୌଣସି ଆଖପାଖ ଜଳାଶୟରୁ ମହାନଦୀକୁ ଯାଉଥିବା ସମୟରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିବା ଅନୁମାନ କରାଯାଉଛି। ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମ ପଦ୍ମପୋଖରୀରେ ୩ଟି କୁମ୍ଭୀର ଓ ଗୋପୀନାଥପୁର ଗ୍ରାମ ପୋଖରୀରେ ୨ଟି କୁମ୍ଭୀର ଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀ, ୫-ଟି ଅଧକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ କଣ୍ଟିଲୋବାସୀ

ଖଣ୍ଡପଡ଼ା,୨।୩(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ସରକାର ଫେବୃଆରୀ ୨୩ରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ମାନ୍ୟତା ପ୍ରଦାନ କରିଥିବା ଘୋଷଣା ପରେ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା ଓ ସଦସ୍ୟମାନଙ୍କ ସମେତ ବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ପୂର୍ବତନ ସମିତି ସଭ୍ୟ ସଦାନନ୍ଦ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ନୀଳମାଧବ ପୂଜକ ସମାଜର ବରିଷ୍ଠ ସଦସ୍ୟ ନିହାର ରଞ୍ଜନ ମିଶ୍ର, ଶିକ୍ଷାବିତ୍ ଜନ୍ମେଜୟ ନାୟକ, ସମବାୟବିତ୍ ବିଜୟ ମିଶ୍ର, ବିଶିଷ୍ଟ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ, ବୋଦସାର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ଶୁଭ୍ରାଂଶୁ କୁମାର ମହାରଣା, ବରିଷ୍ଠ କଂସା ପିତଳ କାରିଗର ଦଣ୍ଡପାଣୀ ସାହୁ, ସନ୍ତୋଷ କୁମାର ମହାରଣା, ଅଶୋକ କୁମାର ସାହୁ, ଦୁର୍ଯ୍ୟୋଧନ ମହାରଣା, ରମାକାନ୍ତ ସାହୁ,



ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଆସିଥିବା ନେତା ଓ କର୍ମୀମାନେ।

### କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା

ବିଜେଡର ବହୁ ପୁରୁଖା ନେତା, ସଙ୍ଗଠକ ଓ ପଞ୍ଚାୟତ ଲୋକପ୍ରତିନିଧିମାନେ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରି ନୀଳମାଧବ ଜୀଉଙ୍କ ଏକ ପିତଳର ମୂର୍ତ୍ତୀ ଉପହାର ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଏ ଅବସରରେ ଦୀର୍ଘ ବର୍ଷେରୁ ଉର୍ଦ୍ଧ୍ୱ ହେବ କଣ୍ଟିଲୋରେ ଏକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ ଏଥିପାଇଁ ଆବଶ୍ୟକ ହେଉଥିବା ସ୍ଥାନ ନିରୂପଣ ହୋଇ ପାରୁ ନ ଥିବାରୁ ସମ୍ପୃକ୍ତ କାର୍ଯ୍ୟ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଆବଶ୍ୟକ ଜାଗା ଚିହ୍ନଟ ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲା ପ୍ରଶାସନକୁ ପରାମର୍ଶ ଦେବା ପାଇଁ ନାଗରିକ ମଞ୍ଚ ପକ୍ଷରୁ ଏକ ନିବେଦନ ପତ୍ର ୫-ଟି ଅଧକ୍ଷ ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଥିଲା। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପାଣ୍ଡିଆନ ସୂଚନା ଦେଇଥିଲେ।

# ସ୍ଥିତି ପରଖିଲେ କେନ୍ଦ୍ରାଞ୍ଚଳ ଆଇଜି, ଗୋଇନ୍ଦା ନିର୍ଦ୍ଦେଶକ


କ୍ଷେତ୍ର ପରିଦର୍ଶନ କରୁଛନ୍ତି ଆଇଜି ଓ ଗୋଇନ୍ଦା ନିର୍ଦ୍ଦେଶକ।


ସ୍ଥାନୀୟ ନେତାଙ୍କ ସହ ଆଲୋଚନା କରୁଛନ୍ତି ବିଜୟ ପାଲସିଂ ତୋମାର।

**ଚଣ୍ଡିଖୋଲ/ବଡ଼ଚଣା, ୨।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଯାଜପୁର ଜିଲାର ଚଣ୍ଡିଖୋଲକୁ ଆସିବେ। ସେ ଚଣ୍ଡିଖୋଲ ବେଣାପୁରର ଶ୍ରୀରାମପୁର ଟୋଲଗେଟ ନିକଟରେ ଏକ ସାଧାରଣ ସଭାରେ ଯୋଗଦେବା ସହ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ୮ ଲେନ ବିଶିଷ୍ଟ କାର୍ଯ୍ୟର ଶିଳାନ୍ୟାସ କରିବେ। ଏଥିସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ। ଏଥିପାଇଁ ଶନିବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ସ୍ଥିତି ପରଖିବା ସହ ଥାନା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଯାଜପୁର ଜିଲାର ବିଭିନ୍ନ ଥାନା ଅଧିକାରୀ ସାମିଲ ହୋଇଥିଲେ। ରବିବାର ପୋଲିସ ମହାନିର୍ଦ୍ଦେଶକ ସଭା ସ୍ଥଳ ପରିଦର୍ଶନରେ ଆସିବେ ବୋଲି ଆଇଜି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବିଭିନ୍ନ ଜିଲାରୁ ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳକୁ ଲୋକ ଆସିବାକୁ ଥିବାରୁ ସନ୍ଧ୍ୟାରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ପ୍ରବକ୍ତା ମନୋଜ କୁମାର ମହାପାତ୍ର, ଜିଲା ସଭାପତି ଗୌତମ ରାୟ, ସିମନ୍ତିନୀ ଜେନା, ସିପ୍ରା ବାଜପେୟୀ, ପାଣ୍ଡବ ଚରଣ ଧଳ, ହିମାଂଶୁ ଶେଖର ସାହୁ, ସର୍ବେଶ୍ୱର ବେହେରା ପ୍ରମୁଖ ପହଞ୍ଚି ସଭାସ୍ଥଳ ନିର୍ମାଣ ଦାୟିତ୍ୱରେ ଥିବା ବଡ଼ଚଣା ଭାଜପା ନେତା ଅମର ନାୟକଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହିତ ସଭାସ୍ଥଳକୁ ଆସିବାକୁ ଥିବା ଲୋକଙ୍କ ଗାଡି ପାର୍କିଂ ବ୍ୟବସ୍ଥା ଓ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୩ ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଛି। ଏହାକୁ ଗୁଇନ୍ଦା ବିଭାଗ ପକ୍ଷରୁ ତନଖି କରାଯାଇଛି। ପ୍ରଧାନମନ୍ତ୍ରୀ ସେହିଦିନ କିଛି ନୂତନ ଘୋଷଣା କରିପାରନ୍ତି ବୋଲି ସେଠାରେ ଆଲୋଚନା ଜୋର ଧରିଛି।

**୫ରେ ପ୍ରଧାନମନ୍ତ୍ରୀଙ୍କ ଚଣ୍ଡିଖୋଲ ଗସ୍ତ କାର୍ଯ୍ୟକ୍ରମ**

- ସନ୍ଧ୍ୟାରେ ପହଞ୍ଚିଲେ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର
- ଆଜି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ ପୋଲିସ ଡିଜି

## ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

**କେନ୍ଦ୍ରାପଡା, ୧।୩ (ଜଗନ୍ନାଥ ଧଳ)**

ହରିଦାସପୁର-ପାରାଦୀପ ରେଳପଥରେ ୨୦୨୦ ମସିହାରୁ ମାଲବାହୀ ରେଳ ଚଳାଚଳ କରୁଛି। ତେବେ ଅଦ୍ୟାବଧି ଯାତ୍ରୀବାହୀ ରେଳ ଚଳାଚଳ ହୋଇନାହିଁ। ଏହାକୁ ଆଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ତାରିଖ ଘୋଷଣା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଶନିବାର ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ଗଣେଶ୍ୱର ସୂଚନା ଦେଇଛନ୍ତି ଯେ, ଅର୍ଥନୈତିକ ବିକାଶ ପାଇଁ ରେଳପଥ ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲାରେ ଦୀର୍ଘ ୪ ବର୍ଷ ଧରି ମାଲବାହୀ ରେଳ ଗାଡି ପ୍ରତ୍ୟେହ ୨୫ଥରରୁ ଉର୍ଦ୍ଧ୍ୱ ଥର ଯାତାୟାତ କରୁଛି। ଏହି ରେଳପଥର ୯ଟି ଷ୍ଟେଶନର ନିର୍ମାଣ ସତ୍ତ୍ୱେ ଯାତ୍ରୀବାହୀ ରେଳ ଚଳାଚଳ ହୋଇନାହିଁ। ଏ ନେଇ ବାରମ୍ବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ ସହ କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହୋଇଛି। ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଦୈତାରୀ ପାରାଦୀପ ଜାତୀୟ ରାଜପଥର ଉନ୍ନତିକରଣ ଓ ଶିଳାନ୍ୟାସ ପାଇଁ ଚଣ୍ଡିଖୋଲ ଆସୁଛନ୍ତି। କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଯାତ୍ରୀବାହୀ ରେଳ ଚଳାଚଳ ଦାବି ଦୃଷ୍ଟିରୁ ସେହିଦିନ ତାରିଖ ଘୋଷଣା କରନ୍ତୁ ବୋଲି ଚିଠି ଲେଖିଥିବା ବରିଷ୍ଠ କଂଗ୍ରେସ ନେତା ବେହେରା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସସ୍ମିତା


@ ପ୍ରସନ୍ନ


@ ସତ୍ୟଜିତ୍


@ ସ୍ୱପ୍ନଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇନ୍ଦୁପୁର ସିଏଚ୍‌ସିରେ ଅଗ୍ନିକାଣ୍ଡ

**ଷ୍ଟୋରରୁମ୍ ସହ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ**

**କେନ୍ଦ୍ରାପଡ଼ା/ଡେରାବିଶ, ୨।୩ (ଜଗନ୍ନାଥ ଧଳ/ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଶନିବାର ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏଥିରେ ରୋଗୀଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ସିଏଚସିର ପୁରୁଣା ଘର ତଥା ଷ୍ଟୋର ରୁମ ନଷ୍ଟ ହୋଇଯାଇଛି। ଏଥିରେ ଥିବା ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଔଷଧ ପତ୍ର, ଆବଶ୍ୟକ ଯନ୍ତ୍ରପାତି ନଷ୍ଟ ହୋଇଛି। କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ଦମକଳ ବାହିନୀ ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରାଯାଇଛି। ଦମକଳ ବିଭାଗ ସହ ନିର୍ଦ୍ଦେଶକ ଦିଲୀପ କୁମାର ରାଉତ କହିଛନ୍ତି, ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ। ମାତ୍ର ଏହାର କାରଣ ବିଦ୍ୟୁତ୍ ସର୍ଟସର୍କିଟ ହୋଇପାରେ। ଅପରାହ୍ନ ପ୍ରାୟ ୩ଟାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ୨ଟି ଦମକଳ ଦୀର୍ଘ ୪ ଘଣ୍ଟା କାମରେ ଲାଗିବା ପରେ ନିଆଁକୁ ଆୟତ କରାଯାଇଛି। ଏହି ପୁରୁଣା କୋଠାଘର ମଧ୍ୟରେ ୧୦ଟି ଘର ରହିଛି। ଏଥିରେ ସାନିଟାଇଜରଠାରୁ ଆରମ୍ଭ କରି ଔଷଧପତ୍ର ଓ ଓଟିର କେତେକ ସାମଗ୍ରୀ ରହିଥିଲା। ସାନିଟାଇଜର ଓ ଔଷଧ ପାଇଁ ନିଆଁର ତୀବ୍ର ହୋଇଥିଲା। ଏଥିପାଇଁ ଘରର ଗୋଟିଏ ବଖରାର କିଛି ଅଂଶ ଭାଙ୍ଗିବାକୁ ପଡିଥିଲା। ସିଏଚସି ଅଧିକାରୀ ଡା. ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରେ ଅପରାହ୍ନରେ ଜଣେ ଲୋକ ଷ୍ଟୋର ରୁମରୁ ନିଆଁ ବାହାରୁଥିବା ସୂଚନା ଦେଇଥିଲେ। ଏଥିପାଇଁ ଦମକଳ ବାହିନୀଙ୍କୁ ସୂଚନା ଦେବା ସହ ସିଏଚସିର ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। କୌଣସି ରୋଗୀଙ୍କର କ୍ଷତି ହୋଇନାହିଁ। ତେବେ ଷ୍ଟୋର ରୁମର ସମସ୍ତ ସାମଗ୍ରୀ ପୋଡିଯାଇଛି। ସିଏଚସିରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ହୋଇଛି। ମାତ୍ର ଷ୍ଟୋରରୁମରେ ହୋଇଥିବା ଅଗ୍ନିକାଣ୍ଡରେ ବ୍ୟବହାର ହେବା ପରି ପରିସ୍ଥିତି ନ ଥିଲା। ଏଥିପାଇଁ ଅଗ୍ନିକାଣ୍ଡରେ ବହୁତ କ୍ଷତି ହୋଇଥିବା ଡା. ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସିଏଚସିରେ ଅଗ୍ନିକାଣ୍ଡ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ଏହାର ତଦନ୍ତ ହେବ ବୋଲି ଏଡିଏମ୍‌ଓ ଡା. ମିଶ୍ର ସୂଚନା ଦେଇଛନ୍ତି।


ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଉଛନ୍ତି।

# ନୂତନ ଟଗ୍‌ବୋଟ୍ ଉଦ୍‌ଘାଟିତ

**ପାରାଦୀପ, ୨।୩ (ଶରତ ରାଉତ)**

ପାରାଦୀପ ବନ୍ଦର ୱେଟବେସିନଠାରେ ଶନିବାର ସନ୍ଧ୍ୟାରେ ଏକ ନୂତନ ଟଗ୍‌ବୋଟ୍‌ର ଉଦ୍‌ଘାଟିତ ହୋଇଯାଇଛି। ଆଭାସି ଜରିଆରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହାକୁ ଶୁଭାରମ୍ଭ କରିଛନ୍ତି। ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ଏହି ଟଗ୍‌ବୋଟ୍ ସାମିଲ ହୋଇଛି। ଏହା ବୃହତ୍ ଜାହାଜଗୁଡ଼ିକୁ ବର୍ଥିଂ କରିବାରେ ସହଯୋଗ କରିବ। ୪୪ କୋଟି ଟଙ୍କା ବ୍ୟୟରେ ଏହି ବୋଟ୍‌କୁ ଏକ ଘରୋଇ ସଂସ୍ଥା ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ପରିଚାଳନା କରିବ। ସେଥିପାଇଁ ପାରାଦୀପ ବନ୍ଦର ୮୧ କୋଟି ଟଙ୍କା ଖର୍ଚ୍ଚ କରିବ। ଉଦ୍‌ଘାଟନୀ ସ୍ଥଳରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଏକ ଭାମ୍ୟମାଣ ହେଲ୍‌ଥ ଚିକିତ୍ସା ଭ୍ୟାନ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବ ବୋଲି ହାରାନ୍ଧ ସୂଚନା ଦେଇଥିଲେ।

**ଆଭାସି ଜରିଆରେ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ସୋନୱାଲ**


ପାରାଦୀପରେ ଉଦ୍‌ଘାଟିତ ହୋଇଥିବା ନୂତନ ଟଗ୍‌ବୋଟ।

# ଯାଜପୁର ବାର୍ ଆସୋସିଏଶନ ବହୁ ଜ୍ଞାନୀ ଆଇନଜୀବୀ ଜନ୍ମ ଦେଇଛି


ଯାଜପୁର ବାର୍ ଆସୋସିଏଶନର ବାର୍ଷିକ ଉତ୍ସବରେ ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ଅନ୍ୟମାନେ।

**ଯାଜପୁର ଟାଉନ, ୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବାର୍ ଆସୋସିଏଶନର ୧୨୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଯାଜପୁର ପ୍ରଶାସନିକ ଭବନ ନିକଟରେ ଶନିବାର ବାର୍ ଆସୋସିଏଶନ୍‌ର ସଭାପତି ଜଗନ୍ନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ବାର୍ ଆସୋସିଏସନ୍ ୧୨୫ ବର୍ଷ ମଧ୍ୟରେ ବହୁ ଜ୍ଞାନୀ ଆଇନଜୀବୀଙ୍କୁ ଜନ୍ମ ଦେଇଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଭିନୀତ୍ ଶରନ୍, ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ। ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ଓ ଓଡ଼ିଶା ବାର୍ ଆସୋସିଏସନ୍ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ଆସୋସିଏସନ୍ ସମ୍ପାଦକ ବିରଜା ପ୍ରସାଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହାଇକୋର୍ଟର ମହିଳା ଆଇନଜୀବୀ ଶାଶ୍ୱତା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ବିଚାରପତି ପଟ୍ଟନାୟକ ୧୨୫ ବର୍ଷକୁ ଯେଉଁ ଆଇନଜୀବୀମାନେ ସାମିଲ ହୋଇଛନ୍ତି ସେମାନେ ଭାଗ୍ୟବାନ ମଣିଷ ବୋଲି କହିଥିଲେ। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଶରନ୍ ଓଡ଼ିଶା ତାଙ୍କର ଦ୍ୱିତୀୟ ପସନ୍ଦ ରାଜ୍ୟ, ଏହା ତାଙ୍କର ଜନ୍ମସ୍ଥାନ ଭଳି ଲାଗେ ଏବଂ ଏହି ରାଜ୍ୟର ଯାଜପୁର ଐତିହ୍ୟ ଓ ସୌନ୍ଦର୍ଯ୍ୟ ତାଙ୍କୁ ଆକୃଷ୍ଟ କରିଛି ବୋଲି ବକ୍ତବ୍ୟ ଛଳରେ କହିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ସିଂହ ତାଙ୍କ ବକ୍ତବ୍ୟଛଳରେ ଜଣେ ଓକିଲର ଲକ୍ଷ୍ୟଣ କହିବା ସହ ଜଣେ ଓକିଲ, ସାଧୁତା, ସଚ୍ଚୋଟତା ଏବଂ ତା' ମଧ୍ୟରେ ସହନଶୀଳତା ନିହାତି ଆବଶ୍ୟକ ବୋଲି କହିଥିଲେ। ଆଡ୍‌ଭୋକେଟ୍ ଜେନେରାଲ୍ ଯାଜପୁର ବାର୍ ଆସୋସିଏସନ୍‌ର ଗୌରବମୟ ଇତିହାସକୁ ମନେ ପକାଇ ଏଠାରୁ ବହୁ ଦକ୍ଷ ଆଇନଜୀବୀ ସହ ବିଚାରପତି ସୃଷ୍ଟି ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ଆସୋସିଏସନ୍ ପକ୍ଷରୁ ଅତିଥିମାନଙ୍କୁ ଉପଢ଼ୌକନ ଓ ମା' ବିରଜାଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଗୋପାଳ ଚନ୍ଦ୍ର ଦାସ ଏବଂ ସତିଶ ଦାସ ୫୦ବର୍ଷ ଆଇନ୍‌ପେସାରେ ନିଜକୁ ନିୟୋଜିତ କରିଥିବାରୁ ସେମାନଙ୍କୁ ବାର୍ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୂତନ ଭାବେ ଓଡ଼ିଶା ଆଇନଜୀବୀ ପରିଷଦର ନିର୍ବାଚିତ ୨୫ ସଦସ୍ୟଙ୍କୁ ମଧ୍ୟ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଯାଜପୁରର ୩ ବାର୍ ଆସୋସିଏସନର ସଭ୍ୟମାନେ ସହଯୋଗ କରିଥିଲେ। ଆସୋସିଏଶନ୍‌ର ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜୀବିତଙ୍କୁ ମୃତ ଦର୍ଶାଇଲେ ଅଧିକାରୀ

**କାଳିଆ ଯୋଜନାରୁ ବଞ୍ଚିତ ଚାଷୀ**

**କୋରେଇ, ୨।୩ (ଚନ୍ଦ୍ରକାନ୍ତ ପତି):**

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ଗୟଲଗଡ଼ିଆ ଗ୍ରାମରେ ଜଣେ ଚାଷୀଙ୍କୁ କୃଷି ବିଭାଗ ଅଧିକାରୀ ମୃତ ଦର୍ଶାଇ କାଳିଆ ଯୋଜନାରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଚାଷୀହେଲେ ଗ୍ରାମର କାଳନ୍ଦୀ ପାତ୍ର(୫୨)। ସେ କାଳିଆ ଯୋଜନା କାର୍ଯ୍ୟକାରୀ ହେବାଠାରୁ ମାତ୍ର ୨ ଥର ସହାୟତା ରାଶି ପାଇଛନ୍ତି। ଏହାପରେ ତାଙ୍କୁ ଆଉ ଏହି ରାଶି ମିଳିନାହିଁ। ତେବେ କାହିଁକି ତାଙ୍କୁ ବଞ୍ଚିତ କରାଯାଇଛି ତାହାର କାରଣ ଜାଣିବା ନିମନ୍ତେ ସେ ବ୍ଲକ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିଥିଲା। ହେଲେ ସନ୍ତୁଷ୍ଟ ଉତ୍ତର ନ ପାଇବାରୁ ବାଧ୍ୟ ହୋଇ ଅନଲାଇନରେ ସର୍ଚ୍ଚ କରିଥିଲେ। ସେଥିରୁ ଯେଉଁ ତଥ୍ୟ ମିଳିଲା ସେ ଦେଖିକି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ଜୀବିତ ଥାଉଥାଉ ସେଥିରେ ତାଙ୍କୁ ମୃତ ବୋଲି ଦର୍ଶାଯାଇଛି। ତାଙ୍କୁ ମୃତ ବୋଲି ଦର୍ଶାଯାଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ଲକ କୃଷି ଅଧିକାରୀ କବିତା ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ୫ଶହ ବର୍ଷର ଚାକୁଣ୍ଡା ଗଛକୁ କାଟିଦେଲେ

- ଗଛ କୋରଡ଼ରେ ଆଶ୍ରୟ ନେଉଥିଲେ ପକ୍ଷୀ
- ଶାଖା କଟାଯିବା ପରେ ପକ୍ଷୀ ଡହଳବିକଳ
- ଚିନ୍ତାରେ ପରିବେଶବିତ୍, ପକ୍ଷୀପ୍ରେମୀ

**ମହାକାଳପଡ଼ା, ୨।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ପରିସରରେ ୫୦୦ ବର୍ଷରୁ ଅଧିକ ବିଶାଳ ଚାକୁଣ୍ଡା ଗଛକୁ ପରିଚାଳନା କମିଟି କାଟି ଦେଇଛନ୍ତି। ଏହି ବିଶାଳକାୟ ଗଛଟିର ଐତିହ୍ୟ ଓ କିମ୍ବଦନ୍ତୀକୁ ନେଇ ଧରିତ୍ରୀରେ ଜାନୁଆରୀ ପ୍ରଥମ ସପ୍ତାହରେ ଏକ ଶୀର୍ଷକ 'ପୁରୁଣା ଚାକୁଣ୍ଡା ଗଛ ପାଲଟିଛି ମୂକସାକ୍ଷୀ' ପ୍ରକାଶ ପାଇଥିଲା। ଏହି ଗଛଟିକୁ ସୁରକ୍ଷା ଦେବା ପାଇଁ ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଦାବି କରାଯାଇଥିଲା। ଖବର ପ୍ରସାରଣର ଦେଢ଼ ମାସ ପରେ ମନ୍ଦିର ପରିଚାଳନା କମିଟି ତରବରିଆ ଭାବେ ବିନା କାରଣରେ ଗଛଟିର ବଡ଼ ବଡ଼ ଶାଖାକୁ ମେଶିନ୍ ଦ୍ୱାରା ଖଣ୍ଡ ଖଣ୍ଡ କରିଛନ୍ତି। ଫଳରେ ଗଛର ଶାଖା ପ୍ରଶାଖା କୋରଡରେ ଆଶ୍ରୟ ନେଇଥିବା ସରୀସୃପ ଓ ବିଭିନ୍ନ ପ୍ରଜାତିର ପକ୍ଷୀ ବାସହରା ହୋଇ ଏଣେତେଣେ ଘୂରି ବୁଲୁଛନ୍ତି। ଏହି ବିଶାଳ ଗଛ କୋରଡରେ ବିଭିନ୍ନ ପ୍ରଜାତିର ପକ୍ଷୀ ତଥା ଶୁଆ ସାରୀ, ଟିଆ, ଧଳା ପେଚା, ଘରଚଟିଆ, ବଣି, କୁଣ୍ଡାପଟିକି, କୁମ୍ଭାଟୁଆ, ହଳଦୀବସନ୍ତ ଆଦି ପକ୍ଷୀ ବସା ବାନ୍ଧି ରହୁଥିଲେ। ଏହି ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦକୁ ମନ୍ଦିର ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମନକୁ ବେଶ୍ ଆନନ୍ଦିତ କରୁଥିଲା। ଅପରପକ୍ଷରେ ଏହି ଗଛମୂଳେ ଶ୍ରଦ୍ଧାଳୁମାନେ ପ୍ରବଳ ଉତ୍ତାପରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଉଥିଲେ। ତେବେ କିଛିଦିନ ପରେ ମା'ଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଶ୍ରଦ୍ଧାଳୁମାନେ ଝାମୁଯାତ୍ରା ସମୟରେ ଛାଇ ତଳେ ବିଶ୍ରାମ ନିଅନ୍ତି ବୋଲି ପରିବେଶପ୍ରେମୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ଗଛ କଟା ହେବା ଦ୍ୱାରା ବିଭିନ୍ନ ଦେଶୀୟ ପକ୍ଷୀମାନଙ୍କ ବସା ନଷ୍ଟ ହେବାକୁ ବସିଛି। ଚଳିତ ସପ୍ତାହରେ ପ୍ରବଳ ଖରାରେ ଅସୁରକ୍ଷିତ ମନେ କରି ନିକଟ ବାଡ଼ି ବଗିଚାରେ ପେଚା ସମେତ ବିଭିନ୍ନ ପକ୍ଷୀ ଛୋଟ ଗଛ ଉହାଡରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ବଡ଼ ଦୁଃଖ ଓ ପରିତାପର ବିଷୟ, ମନ୍ଦିର ପରିଚାଳନା କମିଟି ବିନା କାରଣରେ କଞ୍ଚାଗଛକୁ କିପରି କାଟିଲେ ବୋଲି ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦାୟିତ୍ୱରେ ଥିବା ମଥୁରୀ ଚରଣ ସେନାପତିଙ୍କୁ ପଚାରିବାରେ ଗଛଟି ଭାଙ୍ଗି ପଡ଼ିବା ଆଶଙ୍କା ଥିବାରୁ ସେଥିପାଇଁ ଗଛ କଟାଗଲା ବୋଲି କହିଛନ୍ତି। ଏ ସମ୍ପର୍କରେ ପକ୍ଷୀପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି, ମନ୍ଦିର ପରିଚାଳନା କମିଟି ପରିସରରେ ଗୋଟିଏ ବି ଗଛ ଲଗାଇ ନାହିଁ। ଏହି ବିଶାଳ ଗଛଟି ପକ୍ଷୀମାନଙ୍କର ଆଶ୍ରୟସ୍ଥଳ ପାଲଟିଥିଲା। କିପରି ଓ କେଉଁ ପରିସ୍ଥିତିରେ ଏହି ଚାକୁଣ୍ଡା ଗଛଟିକୁ ପରିଚାଳନା କମିଟି କାଟିଲା ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରବଳ ଗରମରେ ପକ୍ଷୀମାନେ କେଉଁଠି ଆଶ୍ରୟ ନେବେ ବୋଲି ସେ କହିଛନ୍ତି।


ମା' ରାମଚଣ୍ଡୀ ମନ୍ଦିର ପରିସରରୁ ପୁରୁଣା ଚାକୁଣ୍ଡା ଗଛକୁ କଟାଯାଇଛି।

# କୁସୁମୀ ବ୍ୟାରେଜର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




ଉଦ୍‌ଘାଟିତ ହୋଇଥିବା କୁସୁମୀ ବ୍ୟାରେଜ।



ସଭାରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ନୟାଗଡ଼,୨।୩ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡପଣ୍ଡୁସର ପଞ୍ଚାୟତ ସୁନାଲଟିଠାରେ କୁସୁମୀ ଓ ଦୁଆଣ୍ଟ ନଦୀର ମିଳନସ୍ଥଳରେ ନିର୍ମାଣ କରାଯାଇଥିବା କୁସୁମୀ ବ୍ୟାରେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ସେହିଭଳି କୁସୁମୀ ପାଇଁ ଭୂତଳ କେନାଲ ପାଇପ ଲାଇନର ଭିତ୍ତିପ୍ରସ୍ତର କରିଛନ୍ତି। ଅନ୍ୟପକ୍ଷେ ଡାହୁକା, ପଥରଗଣ୍ଡ ଓ କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ ଲାଇନ ଜଳସେଚନ ଯୋଜନାର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଅଭାସୀ ମାଧ୍ୟମରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିବାବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ନୟାଗଡ଼ର ଇଟାମାଟି ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ଚାଷୀଙ୍କ ଆୟକୁ ଦ୍ୱିଗୁଣିତ ଓ ବହୁ ଗଣିତ କରିବାକୁ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଚାଷୀଙ୍କ ଆୟ ବହୁ ଗୁଣିତ କରିବାକୁ ଜଳସେଚନ ବ୍ୟବସ୍ଥା ସବୁଠାରୁ ବଡ଼ ବୋଲି ସେ କହିଛନ୍ତି।

- ଭୂତଳ କେନାଲ ପାଇପ ଲାଇନର ଭିତ୍ତିପ୍ରସ୍ତର
- ଉପକୃତ ହେବେ ୫ ପଞ୍ଚାୟତର ୪୯ ଗାଁର ଚାଷୀ

ପ୍ରକାଶ ଯେ, କୁସୁମୀ ପ୍ରକଳ୍ପ ପାଇଁ ୨୦୦୮ରେ ପରିକଳ୍ପନା କରାଯାଇଥିଲା। ୨୦୧୪ ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ ପାଇଁ ୨୩୦ କୋଟି ୩୯ ଲକ୍ଷ ମଞ୍ଜୁର ହୋଇଛି। ଏଥିରୁ ୭୦କୋଟି ୮୮ଲକ୍ଷ ଟଙ୍କା ବ୍ୟାରେଜ ପାଇଁ ରହିଥିବାବେଳେ ମେକାନିକାଲ କାର୍ଯ୍ୟ ପାଇଁ ୧୧ କୋଟି ୧୩ ଲକ୍ଷ ଓ ଭୂତଳ ପାଇପ ଲାଇନ ବ୍ୟବସ୍ଥାରେ ଚାଷ ଜମିକୁ ଜଳସେଚନ ପାଇଁ କାର୍ଯ୍ୟ ପାଇଁ ୧୪୮କୋଟି ୧୮ଲକ୍ଷ ରହିଛି। ୨୫।୧୦।୨୩ରେ କାମ ଆରମ୍ଭ ହୋଇଥିବାବେଳେ ୨୪।୪।୨୫ରେ କାମ ଶେଷ ହେବ। ଏଥିରେ ନୟାଗଡ଼ ବ୍ଲକର ବଡପଣ୍ଡୁସର, ଇଟିରି, ବିରୁଡା, ବାଉଁଶିଆପଡା ଓ ଶରଣକୁଳ ପରି ୫ ପଞ୍ଚାୟତର ୪୯ଟି ଗାଁର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷେ ବ୍ୟାରେଜର ଡାହାଣ ପଟରେ ନୟାଗଡ଼ ବ୍ଲକର ୨୦୬୮ ହେକ୍ଟର, ଖଣ୍ଡପଡ଼ା ବ୍ଲକର ୯୧୨ ହେକ୍ଟର ଓ ଭାପୁର ବ୍ଲକର ୭୬୫ ହେକ୍ଟର ଏପରି ମୋଟରେ ୩୭୪୫ ହେକ୍ଟର ଜମି ପ୍ରାୟ ଜଳସେଚିତ ହେବ। ଏହା ଦ୍ୱାରା ପ୍ରାୟ ଦେଢ଼ ଲକ୍ଷ ଚାଷୀ ଉପକୃତ ହେବେ। ଅନ୍ୟପକ୍ଷେ ପ୍ରକଳ୍ପ ମଧ୍ୟରେ ୨ଟି ବ୍ରିଜ ଓ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପାର୍କ କରାଯିବ। ପ୍ରକଳ୍ପର ବାମପାର୍ଶ୍ୱ କେନାଲ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଡାହାଣ ପାର୍ଶ୍ୱ କେନାଲର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ନୟାଗଡ଼ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସସ୍ମିତା



@ ପ୍ରସନ୍ନ



@ ସତ୍ୟଜିତ୍



@ ସ୍ୱପ୍ନଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ରେ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ

ନୟାଗଡ଼, ୨।୩ (ଲୋକନାଥ ମିଶ୍ର)

ସାଧାରଣ ନିର୍ବାଚନ ପୂର୍ବରୁ ବୁଥସ୍ତରରୁ ସାଙ୍ଗଠନିକ ସମୀକ୍ଷା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ନୟାଗଡ଼ରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା କଂଗ୍ରେସ ସହ ପ୍ରଭାରୀ ସହାନୱାଜ ହୁସେନ ଚୌଧୁରୀ, ନୟାଗଡ଼ ଡିସିସି ସଭାପତି ଆଇନଜୀବୀ ରଣଜିତ ଦାଶ, ଜିଲା ପ୍ରଭାରୀ ପିସିସି ଉପସଭାପତି ବିଭୂତି ଭୂଷଣ ମିଶ୍ର, ପ୍ରଗମାନ କାର୍ଯ୍ୟକର୍ତ୍ତା ମଦ୍ରାସର ଚୌଧୁରୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଚିବ ରାଜୀବ ପଟ୍ଟନାୟକ, ପୂର୍ବତନ ସାଂସଦ ନକୁଳ ନାୟକ, ବରିଷ୍ଠ ନେତା ହୁସେନ ଖାନ ପ୍ରମୁଖ ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଆଇସିସି ସମ୍ପାଦକ ବ୍ଲକ କଂଗ୍ରେସ ସଭାପତି, ଟାଉନ ସଭାପତି, ମହିଳା ଯୁବ ଛାତ୍ର କଂଗ୍ରେସ ସଭାପତି ଏବଂ ଦଳର ଛାମୁଆ ସଙ୍ଗଠନ ମୁଖ୍ୟ ଏବଂ ଜିଲାର ୪ଗୋଟି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳରୁ ସାଂସଦ ଏବଂ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଶାୟୀ ପ୍ରାର୍ଥୀମାନଙ୍କୁ ପୃଥକ୍ ପୃଥକ୍ ଭାବେ ସାକ୍ଷାତ କରି ବୁଥ୍ କାର୍ଯ୍ୟକର୍ତ୍ତା ପୋଲିଙ୍ଗ ଏଜେଣ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ବୁଥ ସ୍ତରରୁ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ପ୍ରଗମାନ ଆପ ସହ ଅନ୍‌ଲାଇନ ପଞ୍ଜୀକରଣ ଏବଂ ବୁଥ ଏଜେଣ୍ଟମାନେ ଆଇଏନସାଥି ସହ ଯୋଡି ହେବା ପାଇଁ ମନ୍ତ୍ର ଦିଆଯାଇଥିଲା। ନୟାଗଡ଼, ଦଶପଲ୍ଲା, ଖଣ୍ଡପଡା ଏବଂ ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ ଉପଯୁକ୍ତ ପ୍ରାର୍ଥୀ ଦେଇ ବିଜେଡି, ଭାଜପା ବିରୋଧରେ ଲଢ଼େଇ ହେବ ବୋଲି ଜଲା ସଭାପତି ଦାଶ ଗଣମାଧ୍ୟମକୁ କହିଛନ୍ତି।




ସମ୍ମିଳନୀରେ କଂଗ୍ରେସର ନେତାମାନେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା




ନୟାଗଡ଼ ବିକାଶ ମଞ୍ଚର ସଦସ୍ୟମାନେ ଦେଇଥିବା ଧାରଣା।

ନୟାଗଡ,୨।୩(ଲୋକନାଥ ମିଶ୍ର)

## ଜାଲିଆତି ଭୋଟର ତାଲିକା ସଂଶୋଧନ ଦାବି

- ଭୋଟର ତାଲିକାରୁ ମୃତକ, ବିବାହିତା କନ୍ୟାଙ୍କର ନାଁ ହଟୁନି
- ଗୋଟିଏ ଭୋଟରଙ୍କ ନାଁ ୨ରୁ ୩ ଥର ରହିଛି
- ୩୦ ହଜାରରୁ ଊର୍ଦ୍ଧ୍ୱ ଫେକ ଭୋଟର
- ୩ ବର୍ଷରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କ ବଦଳି ନାହିଁ

ଭୋଟର ତାଲିକାରେ ବ୍ୟାପକ ଜାଲିଆତି କରି ୩୦ ହଜାର ଫେକ ଭୋଟରଙ୍କୁ ପ୍ରତ୍ୟାହୃତ ଦାବିରେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଗଣଧାରଣା ଆରମ୍ଭ ହୋଇଛି। ଫେକ ଭୋଟରଙ୍କୁ ନ ହଟାଇଲେ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଏନେଇ ନୟାଗଡ ବିକାଶ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଗଣଧାରଣା ଚାଲୁ ରହିଛି। ଗଣଧାରଣାରେ ଭାଜପା ନେତା ସନ୍ତୋଷ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ୭ଜଣ ସାମିଲ ହୋଇଛନ୍ତି। ଏ ନେଇ ଭାଜପା ନେତା ସୌମ୍ୟ ରଞ୍ଜନ ପ୍ରଧାନ କହିଛନ୍ତି, ମୃତକ ଓ ବିବାହିତା କନ୍ୟାଙ୍କର ନାଁ ଭୋଟର ତାଲିକାରୁ ହଟୁନି। ସେହିପରି ଜଣେ ଜଣେ ଭୋଟର ଗୋଟିଏ ୱାର୍ଡ ଓ ଭିନ୍ନ ୱାର୍ଡରେ ଭୋଟର ଅଛନ୍ତି। ଜଣେ ଭୋଟର ୨ରୁ ୩ଟି ସ୍ଥାନରେ ଭୋଟର ହୋଇ ପାରିଛନ୍ତି। କେଉଁଠି ନାଁରୁ ଆକାର କଟି ଯାଇଛି ତ ଆଉ କେଉଁଠି ଇ କାର ନାହିଁ। କେଉଁଠି ସାଙ୍ଗିଆ ପରିବର୍ତ୍ତନ ହୋଇଛି। ଜଣେ ବ୍ୟକ୍ତି ଗାଁ ଓ ସହର ଭୋଟର ହୋଇ ପାରିଛନ୍ତି। ଆମ ଅଭିଯୋଗକୁ ଜିଲା ପ୍ରଶାସନ ଶୁଣୁନାହିଁ। ଆରଟିଆଇରେ ତଥ୍ୟ ମାଗିଲେ ସୂଚନା ମିଳୁନି। ନିର୍ବାଚନରେ ବିଜୟୀ ହେବା ପାଇଁ ଜାଣି କରି ପ୍ରାୟ ୩୦ ହଜାର ଫେକ ଭୋଟର ସୃଷ୍ଟି କରାଯାଇଛି। ଅନ୍ୟପକ୍ଷେ ଜିଲା ନିର୍ବାଚନ କାର୍ଯ୍ୟାଳୟରେ ୩ବର୍ଷରୁ ଊର୍ଦ୍ଧ୍ୱ ଚାକିରି କରିଥିବା କର୍ମଅଚାରୀମାନଙ୍କର ବଦଳି ହେଉନାହିଁ। ଭାଜପା ନେତା ସନ୍ତୋଷ ପ୍ରଧାନ କୁହନ୍ତି, ନୟାଗଡ଼ ନିର୍ବାଚନମଣ୍ଡଳୀରେ ଫେକ ଭୋଟରଙ୍କୁ ହଟାଇବାକୁ ପ୍ରଶାସନିକ ସହଯୋଗ ମିଳୁନି। ଏଣୁ ନିର୍ବାଚନରେ ସ୍ୱଚ୍ଛତା ଆସିବାର ପ୍ରଶ୍ନ ଉଠୁନି। ଜଣେ ଭୋଟର ଭିନ୍ନ ଭିନ୍ନ ସ୍ଥାନରେ ନାଁରେ ଟିକିଏ ପରିବର୍ତ୍ତନ କରାଇ ଭୋଟର ହୋଇ ପାରୁଛନ୍ତି। ନିର୍ବାଚନ କମିଶନ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି। ବିଭିନ୍ନ ସମୟରେ ଫେକ ଭୋଟର ନେଇ ବାରମ୍ବାର ଚର୍ଚ୍ଚା ହେଉଛି, ହେଲେ ଏଥିରୁ ସୁଫଳ ମିଳୁନି ବୋଲି ଅଭିଯୋଗ ରହିଛି।

# ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ଖଣ୍ଡପଡ଼ା,୨।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ଶନିବାର ବିଶ୍ୱଶାନ୍ତି ନିମନ୍ତେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସାଧୁ ପ୍ରକାଶ ଚନ୍ଦ୍ର ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ସାଧୁ, ସନ୍ଥ ଯୋଗ ଦେଇଥିଲେ। ରାମଚନ୍ଦ୍ରପୁର ସମେତ ଭଅଁରପଲ୍ଲୀ, ଗିରିଡିପଲ୍ଲୀ, କୋସକା ଅଞ୍ଚଳର ନଦୀଆ ସଂକୀର୍ତ୍ତନ ଶ୍ରଦ୍ଧାଳୁମାନଙ୍କର ବେଶ ଉପଭୋଗ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଅଁଳାପଟା, ସାପୁଆ, ସୋଲପୋଖରୀ, ଶରଧାପୁର, ମଧୁପୁର, କୋସକା, ସିଙ୍ଗିବାର. କୁମ୍ଭାରପଡ଼ା ଆଦି ଅଞ୍ଚଳବାସୀ ସକ୍ରୀୟ ସହଯୋଗ କରିଥିଲେ। ଏ ପରିପ୍ରେକ୍ଷୀରେ ଶୁକ୍ରବାର ଅଧିବାସ କାର୍ଯ୍ୟକ୍ରମ ସହ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ କଳସ ସ୍ଥାପନ କରିଥିଲେ। ବିଭିନ୍ନ ଅଞ୍ଚଳର ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ପକ୍ଷରୁ ପରିବେଷିତ ନାମ ସଂକର୍ତ୍ତନ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ।

# ଇଟାମାଟିକୁ ଏନ୍‌ଏସି କରିବାକୁ ଦାବି

ନୟାଗଡ,୨।୩(ଲୋକନାଥ ମିଶ୍ର)

ନୟାଗଡ ଜିଲାର ବ୍ୟବସାୟିକ ପେଣ୍ଠସ୍ଥଳ ଓ ଜନସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ବୃହତ ଗ୍ରାମ ଇଟାମାଟିକୁ ଏନ୍‌ଏସି ଘୋଷଣାର ଆବଶ୍ୟକତା ଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ରାଜ୍ୟରେ ଏବେ ନୂଆ ଏନ୍‌ଏସି ସରକାର ଘୋଷଣା କରୁଥିବାବେଳେ ଇଟାମାଟିକୁ ଏନ୍‌ଏସି ଘୋଷଣା କରାଯିବାକୁ ଦାବି ତ୍ୱରାନ୍ୱିତ ହୋଇଛି। ଏହି ଅବସରରେ ଇଟାମାଟିର ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଇଟାମାଟି ପଞ୍ଚାୟତ ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଓଁ ରମଣ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାପକ ରଜନୀକାନ୍ତ ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଦୁର୍ଯ୍ୟୋଧନ ନାୟକ, ପୂର୍ବତନ ସରପଞ୍ଚ ଶ୍ରବଣ ରାମ, ଅବସରପ୍ରାପ୍ତ କର୍ମଚାରୀ ସଚିଦାନନ୍ଦ ସାଥୁଆ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସି ପାଇଁ ଆନୁଷଙ୍ଗିକ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ଦାବି ହାସଲ ପାଇଁ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ ପାଇଛି। ପ୍ରକାଶ ଯେ, ଇଟାମାଟିରେ ଥାନା, ୨ ମହାବିଦ୍ୟାଳୟ, ୪ ଉଚ୍ଚ ବିଦ୍ୟାଳୟ, ୮ଟି ପ୍ରାଇମେରୀ ବିଦ୍ୟାଳୟ, ଫିଲ୍ମ ହଲ, ୩ଟି ବ୍ୟାଙ୍କ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମ ଅନୁଷ୍ଠାନ ରହିଛି।



ବୈଠକରେ ଯୋଗ ଦେଇଥିବା ଲୋକାମାନେ।

# ମିଳିତ ସ୍କ୍ୱାଡ୍ ୪୦୦ ଗଞ୍ଜେଇ ଗଛ ନଷ୍ଟ କଲେ

ନୟାଗଡ଼/ଶରଣକୁଳ,୨।୩
(ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳରେ ଅବାଧରେ ନିଶା କାରବାର ଚାଲିଛି। ଏ ସମ୍ପର୍କରେ ବିଭାଗ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିଲା। ଶନିବାର ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ଗୋଛା ସଂରକ୍ଷିତ ଜଙ୍ଗଲର ଜାକେଡା ନିଟସ୍ଥ ରତ୍ନମାଳା ପାହାଡ ଶୀର୍ଷ ଭାଗରେ ୨ ଏକରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଚାଷ କରାଯାଇଥିଲା। ଖବରପାଇ ନୟାଗଡ଼ ଅବକାରୀ ଓ ବନ ବିଭାଗ, ପୋଲିସ, ରାଜସ୍ୱ ବିଭାଗର ମିଳିତ ସ୍କ୍ୱାଡ୍ ତଦନ୍ତ କରି ୪୦୦ ଗଞ୍ଜେଇ ଗଛ ଜବତ କରି ପୋଡି ଦେଇଛନ୍ତି। ଜବତ ଗଞ୍ଜେଇର ଦାମ ପ୍ରାୟ ୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ରତ୍ନମାଳା ପାହାଡ ଶୀର୍ଷରେ ଗଞ୍ଜେଇ ଚାଷ କିଏ କରିଥିଲା ତାହା ଜଣାପଡିନାହିଁ।





ଜବ୍‌ତ ହୋଇଥିବା ଗଞ୍ଜେଇକୁ ସ୍କ୍ୱାଡ୍ ପୋଡୁଛନ୍ତି। ରତ୍ନମାଳା ପାହାଡରେ ସ୍କ୍ୱାଡ୍ ଗଞ୍ଜେଇ ଗଛକୁ ଠାବ କରୁଛି।

## ରତ୍ନମାଳା ପାହାଡ଼ ଶୀର୍ଷରେ ହୋଇଥିଲା ଚାଷ

ନିକଟରେ କିଛି ଗଞ୍ଜେଇ ଗଛ କଟାଯାଇଛି। ଅବଶିଷ୍ଟ ଗଛ କଟାଯିବାର ଥିଲା। ତେବେ ଖବରପାଇ ଚଢ଼ାଉ ପରେ ମିଳିତ ସ୍କ୍ୱାଡ୍ ସଫଳତା ପାଇଛି। ଚଢ଼ାଉରେ ମାଜିଷ୍ଟ୍ରେଟ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଏସିଏଫ୍ ହିମାଂଶୁ ମୁଦୁଲି, ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା, ଜିଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଭକ୍ତ ବସଳ ବର୍ମା, ପଞ୍ଚରିଡା ରେଞ୍ଜର ଚନ୍ଦ୍ରମଣି ମୁର୍ମୁ, ନୟାଗଡ଼ ଅବକାରୀ ଥାନା ଅଧିକାରୀ ଦୀପକ କୁମାର ଜେନା, ଜିଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡର ସବଇନ୍ସପେକ୍ଟର ଅର୍ପିତାରାଣୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ତେବେ କାହା ଛତ୍ରଛାୟା ତଳେ ଏଭଳି ଗଞ୍ଜେଇ ଚାଷ ଦୀର୍ଘଦିନ ଧରି ଚାଲିଥିଲା ତାହାକୁ ନେଇ ବୁଦ୍ଧିଜୀବୀ ମହଲକୁ ଚକିତ କରିଛି।

